ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ଆନ୍ତର୍ଜାତିକ ମହିଳା ନିର୍ଯାତନା ନିରୋଧୀ ଦିବସ

**ଖଇରା, ୨୬।୧୧(ଡି.ଏନ.ଏ.):** ଖଇରା ବ୍ଲକ କାର୍ଯାଳୟ ପରିସରରେ ରବିବାର ଆନ୍ତର୍ଜାତିକ ମହିଳା ନିର୍ଯାତନା ନିରୋଧୀ ଦିବସ ପାଳିତ ହୋଇଯାଇଛି। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ଆଜି ବି ନୀଚ ଦୃଷ୍ଟିରେ ଦେଖାଯାଉଛି। ସେମାନେ ଘରୋଇ ହିଂସାର ଶିକାର ହେଉଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ନିର୍ଯାତନା ହାର ବହୁ କମ୍ ଥିଲେ ମଧ ସମ୍ପୂର୍ଣ୍ଣ ରୋକାଯାଇପାରିନି। ତେଣୁ ଏହାକୁ ରୋକିବାକୁ ହେଲେ ସମସ୍ତେ ସଚେତନ ହେବା ଆବଶ୍ୟକ। ମହିଳାମାନଙ୍କୁ ପୁରୁଷ ସହ ସମାନ ଦୃଷ୍ଟିରେ ଦେଖିଲେ ଏହି ନିର୍ଯାତନା କେତେକାଂଶରେ ହ୍ରାସ ପାଇବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଉପାଧକ୍ଷ ଜୟନ୍ତ ରାଉତ, ଜିଲା ପରିଷଦ ସଭ୍ୟା ଲୋପାମୁଦ୍ରା ଧର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### 'ମୋ ବୁଥ୍ ମୋ ଗୌରବ' କର୍ମଶାଳା

**ରେମୁଣା, ୨୬।୧୧(ଡି.ଏନ.ଏ.):** କଂଗ୍ରେସ ପକ୍ଷରୁ ବରୁଣସିଂ ପଞ୍ଚାୟତ ଟିଣା ଗାଁରେ ବିଶାଳ କର୍ମୀ ସମ୍ମିଳନୀ ଏବଂ 'ମୋ ବୁଥ୍ ମୋ ଗୌରବ' କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୁଥ ସ୍ତରରୁ କଂଗ୍ରେସ ଦଳକୁ ମଜବୁତ କରାଯିବା ନେଇ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ୩୮ ନମ୍ବର ଜିଲା ପରିଷଦ ଜୋନର ତାଳପଦା, ଇଞ୍ଚୁଡି, ତୁଣ୍ଡରା, ମହାରାଜପୁର, ଶ୍ରୀଜଙ୍ଗ, କୁଳିଗାଁ ଓ ବରୁଣସିଂ ପଞ୍ଚାୟତରୁ ୨ଶହ କର୍ମୀ ଏବଂ ଅନ୍ୟ ପଞ୍ଚାୟତରୁ ଜୋନ ସଭାପତି ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଦଳରୁ ଆସି କଂଗ୍ରେସରେ ମିଶିଥିବା କର୍ମୀଙ୍କୁ ସ୍ୱାଗତ କରାଯାଇଥିଲା। ପୂର୍ବତନ ସରପଞ୍ଚ ଅନନ୍ତ ପ୍ରସାଦ ଦାସ ପ୍ରଧାନଙ୍କ ଅଧକ୍ଷତାରେ ହୋଇଥିବା କର୍ମଶାଳାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ସଭାପତି ସତ୍ୟନାରାୟଣ ମହାନ୍ତି, ଜୋନ ସଭାପତି ପ୍ରଦୀପ ଦାସ, ତରୁଣ ଦାସ, ବିକାଶ ଦାସ, ମୁକ୍ତିକାନ୍ତ ଦାସ, ଯୁବନେତା ତୁଷାରକାନ୍ତି ତପସ୍ୱୀ, ପ୍ରତାପ ସେଠୀ, ବିଧାନ ଚନ୍ଦ୍ର ଯେନା, ଛାତ୍ର କଂଗ୍ରେସ ସଭାପତି ରଞ୍ଜନ ଦାସ, ଜିଲା ଉପସଭାପତି ରାମନାରାୟଣ ଶତପଥୀ, ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପତି, ସମ୍ପାଦକ କହ୍ନେଇ ଚରଣ ବେହେରା, ରବୀନ୍ଦ୍ର ମହାକୁଡ, ପୂର୍ବତନ ସରପଞ୍ଚ କହ୍ନେଇ ପ୍ରଧାନ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସୁବ୍ରତ ବାରିକ ଧନ୍ୟବାଦ ଦେଇଥିଲେ।

### ୨୯ରେ ରିଟେଲର ସଂଘର ମହାସମାବେଶ



**ଜଳେଶ୍ୱର, ୨୬।୧୧(ଡି.ଏନ.ଏ.):** ରାଜ୍ୟରେ ଥିବା ୧୪ ହଜାରରୁ ଊର୍ଦ୍ଧ୍ୱ ରିଟେଲରଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଆସନ୍ତା ୨୯ ତାରିଖରେ ରିଟେଲର ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ମହାସମାବେଶ ଅନୁଷ୍ଠିତ ହେବ। ଏନେଇ ରବିବାର ବାଲେଶ୍ୱର ଜିଲା ରିଟେଲର ସଂଘ ତରଫରୁ ଜଳେଶ୍ୱର ନୂଆବଜାରସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ଜିଲା ସଭାପତି ବିଦ୍ୟାଧର ଦେ ସୂଚନା ଦେଇଛନ୍ତି। ସଂଘର ରାଜ୍ୟ ସଭାପତି ନଗେନ୍ଦ୍ର ଜେନା, ବରିଷ୍ଠ ସଭ୍ୟ ଜ୍ଞାନେନ୍ଦ୍ର ପଣ୍ଡା, ରତ୍ନାକର ପାତ୍ର, ରଞ୍ଜନ ପାତ୍ର, ରାଧାଶ୍ୟାମ ଗୁପ୍ତା, ଅଶୋକ ଦାସ, ରାଜୀବ ସରକାର, ଅରୁଣ ସେଠୀ ଓ ଭଗବାନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଦିନ ଭୁବନେଶ୍ୱର ରେଳଷ୍ଟେଶନରୁ ରିଟେଲରମାନଙ୍କ ଏକ ବିରାଟ ଶୋଭାଯାତ୍ରା ବାହାରି ଲୋୟର ପିଏମ୍‌ଜି ଛକଠାରେ ପହଞ୍ଚିବ। ସେଠାରେ ମହାସମାବେଶ ଅନୁଷ୍ଠିତ ହେବ। ଦାବିଗୁଡିକ ମଧରେ ସମାନ କାମକୁ ସମାନ ସୁବିଧା ଅର୍ଥାତ୍ ପ୍ରାଇଭେଟ୍ ରିଟେଲର ମାନଙ୍କ କାର୍ଯ୍ୟଦକ୍ଷତା ଭିତ୍ତିରେ ନିୟମିତ ସନନ୍ଦ ନବୀକରଣର ଆଦେଶ ପ୍ରଦାନ, ପ୍ରତିମାସରେ ନିୟମିତ କମିଶନ ପ୍ରଦାନ କରିବା, ଚାଉଳ ଓ ଗହମ ପରି କିରୋସିନ ଦୋକାନ ପରିସରରେ ଯୋଗାଇ ଦେବା ଓ ଖୁଚୁରା ବିକ୍ରି ବାବଦକୁ ସଟେଜ୍ ଏବଂ ଲିକେଜ୍ ପ୍ରଦାନ କରିବା, ଦୋକାନ ଘରଭଡ଼ା ଓ ବିଦ୍ୟୁତ ଶୁଳ୍କ ଆଦି ପ୍ରଦାନ କରିବା, ଅନ୍ୟ ରାଜ୍ୟ ଭଳି ଓଡ଼ିଶା ରାଜ୍ୟ ରିଟେଲରମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବା ଆଦି ଅନ୍ତର୍ଭୁକ୍ତ।

# ଲେଭଲ କ୍ରସିଂ ଫାଟକ ନିର୍ମାଣ ଦାବି ତେଜିଲା

## ଆମ୍ଭଗଡ଼ିଆ ପଞ୍ଚାୟତବାସୀଙ୍କ ଆନ୍ଦୋଳନ ଚେତାବନୀ

**ରୂପ୍‌ସା, ୨୬।୧୧(ଡି.ଏନ.ଏ.)**

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରୂପ୍‌ସା-ବାଙ୍ଗିରିପୋଷି ରେଳଲାଇନ୍‌ର ଭଗବାନପୁରଠାରେ ଲେଭଲ କ୍ରସିଂ ଫାଟକ ନିର୍ମାଣ ପାଇଁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଆମ୍ଭଗଡ଼ିଆ ପଞ୍ଚାୟତବାସୀ ପ୍ରଧାନମନ୍ତ୍ରୀ, କେନ୍ଦ୍ର ରେଳମନ୍ତ୍ରୀ, ଡିଭିଜନାଲ ରେଲୱେ ମ୍ୟାନେଜରଙ୍କ ସମେତ ଜିଲାପାଳ, ଏମ୍‌ପି ଓ ବିଧାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହାର ପ୍ରତିକାର ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଭଗବାନପୁର ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର, ସରପଞ୍ଚ ସହଦେବ ସିଂ, ଲକ୍ଷ୍ମଣ ସେଠୀ, ମନୋଜ କୁମାର ଦେହୁରୀ, ଚକ୍ରଧର ଆଚାର୍ଯ୍ୟ,



ଲେଭଲ କ୍ରସିଂ ଫାଟକ ସ୍ଥାପନ ପାଇଁ ଜନସାଧାରଣ ଦାବି କରୁଛନ୍ତି।

ସୁଦର୍ଶନ ମହାପାତ୍ର ଓ ଚନ୍ଦନ ବାସ୍କେ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏହି ରେଳଲାଇନ୍ ପାରି ହୋଇ ପଞ୍ଚାୟତ ଅଧୀନ ଭଗବାନପୁର, ଟିଙ୍କିରାସାହି, ଅଙ୍ଗାରଗଡ଼ିଆ, ଚୁରମରା, ଗୁଆବଣିଆ, ଜରାସାହି ଆଦି ଗ୍ରାମର ଜନସାଧାରଣ ଯା'ଆସ କରିଥାନ୍ତି। ଏଠାରେ ଲେଭଲ କ୍ରସିଂ ଫାଟକ ନ ଥିବାରୁ ଯାତାୟାତରେ ବିପଦ ସୃଷ୍ଟି ହୋଇଛି। ଅଧିକାଂଶ ସମୟରେ ଗ୍ରାମବାସୀ ହଇରାଣ ହରକତ ହେଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଗାଁ ଭିତରକୁ ଆମ୍ବୁଲାନ୍ସ, ଦମକଳ ଗାଡ଼ି ପ୍ରବେଶ କରିପାରୁନାହିଁ। ଏହି ପଞ୍ଚାୟତର ଅଧିକାଂଶ ପରିବାର ଅନୁସୂଚିତ ଜାତି ଓ ଉପଜାତି ବର୍ଗର ହୋଇଥିଲେ ହେଁ ଏହି ମୌଳିକ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ରେଳଧାରଣା ପାରି ହୋଇ ମହିଳାପୁରୁଷମାନେ ସାଇକେଲ ଓ ବାଇକ୍ ଯୋଗେ ବ୍ଲକ, ତହସିଲ, ପଞ୍ଚାୟତ ଅଫିସ, ବ୍ୟାଙ୍କ, ମେଡ଼ିକାଲ, ପୋଷ୍ଟଅଫିସ୍, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡକୁ ଯାଇଥାନ୍ତି। ଏତଦ୍‌ବ୍ୟତୀତ ଛାତ୍ରୀଛାତ୍ରମାନେ ମଧ ବିପଦଜନକ ଭାବେ ସ୍କୁଲ, କଲେଜକୁ ଯା'ଆସ କରିଥାନ୍ତି। ଜନସାଧାରଣଙ୍କ ନିରାପତ୍ତା ଦୃଷ୍ଟିରୁ ତୁରନ୍ତ ଏଠାରେ ଲେଭଲ କ୍ରସିଂ ସ୍ଥାପନ ପାଇଁ ଦାବି ହୋଇଛି।

# ବାଉଁଶ ଖୁଣ୍ଟରେ ଓହଳିଛି ବିଦ୍ୟୁତ୍ ତାର

**ବାଲିଆପାଳ, ୨୬।୧୧(ଡି.ଏନ.ଏ.)**



ବାଉଁଶରେ ବନ୍ଧା ହୋଇଥିବା ବିଦ୍ୟୁତ୍ ତାର।

ବିଦ୍ୟୁତ୍ ବିଭାଗର ଢ଼ାଞ୍ଚାଗତ ପରିବର୍ତ୍ତନ ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ତାରଠାରୁ ଆରମ୍ଭ କରି ଖୁଣ୍ଟ ଏବଂ ଅନ୍ୟାନ୍ୟ ଦୁର୍ବଳ ସାମଗ୍ରୀ ପରିବର୍ତ୍ତନ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି। ହେଲେ ବିଦ୍ୟୁତ ଭଳି ଅତ୍ୟାବଶ୍ୟକ ସେବା ବ୍ୟବସ୍ଥାରେ ତ୍ରୁଟି ସଂଶୋଧନ ହୋଇପାରୁନାହିଁ। ଅପହଞ୍ଚ ଇଲାକାରେ ବିଦ୍ୟୁତ୍ ବିଭାଗର ଦୁର୍ବଳତା ଓ ଦାୟିତହୀନତାକୁ ନେଇ ପ୍ରଶ୍ନ କରାଯାଉଥିବା ବେଳେ ବିକଶିତ ଜିଲାରେ ମଧ ଏହି ବିଭାଗ କର୍ତ୍ତବ୍ୟ ସମ୍ପାଦନ କରିବାରେ ବିଫଳ ହେଉଛି। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଲୋକ ଓ ଗୃହପାଳିତ ପ୍ରାଣୀଙ୍କର ଜୀବନ ଯାଉଛି। ବାଲିଆପାଳ ବ୍ଲକର ବଡ଼କସବା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଭୈରବ ମଣ୍ଡପ ଆଡ଼କୁ ଯାଇଥିବା ରାସ୍ତା ଉପରେ ବିଦ୍ୟୁତ୍ ତାର ବାଉଁଶ ଖୁଣ୍ଟ ଉପରେ ବିପଦସଙ୍କୁଳ ଭାବେ ଓହଳି ରହିଛି। ରାସ୍ତାଠାରୁ ମାତ୍ର ୫ଫୁଟ ଉଚ୍ଚତାରେ ତାର ଓହଳି ରହିଛି। ଟିକିଏ ଅସାବଧାନ ହେଲେ ମୁଣ୍ଡରେ ବିଦ୍ୟୁତ୍ ତାର ବାଜି ବଡ଼ଧରଣର ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ରାତିରେ ସେଥିପାଇଁ ଲୋକମାନେ ସାଇକେଲ ଓ ବାଇକ୍‌ରେ ଯିବା ବେଳେ ସାବଧାନ ହୋଇ ଯିବାକୁ ପଡୁଛି। ଏ ବିଷୟରେ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଜଣାଯାଇଥିଲେ ମଧ କୌଣସି ପ୍ରତିକାର ହେଉନାହିଁ। ବର୍ଷା ଦିନ ପରେ ବାଉଁଶ ଖୁଣ୍ଟଗୁଡ଼ିକ ଏବେ ଦୁର୍ବଳ ହୋଇଯାଇ ଭାଙ୍ଗିଯିବା ଅବସ୍ଥାକୁ ଆସିଯାଇଛି। କେତେବେଳେ ଯେ, ତାହା ଭାଙ୍ଗି ପଡିବ ସେନେଇ ଆଶଙ୍କା ଦେଖାଦେଇଛି। ବିଦ୍ୟୁତ୍ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି କରିଛନ୍ତି।



ଜିଲା ପ୍ରଶାସନିକ ଅଧିକାରୀମାନେ ଭାରତୀୟ ସମ୍ବିଧାନର ମୁଖବନ୍ଧକୁ ସାମୂହିକ ଭାବେ ପାଠ କରୁଛନ୍ତି।

# ସମ୍ବିଧାନ ସୁରକ୍ଷା ପାଇଁ ସଂକଳ୍ପ

**ବାଲେଶ୍ୱର ଅଫିସ,୨୬।୧୧**

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ସମ୍ବିଧାନ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ଭାରତୀୟ ସମ୍ବିଧାନର ମୁଖବନ୍ଧ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତ ସ୍ୱାଧୀନତା ଲାଭ କରିବା ପରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସର୍ବସମ୍ମତି କ୍ରମେ ଭାରତୀୟ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। ଜିଲା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଭାରତୀୟ ସମ୍ବିଧାନର ମୁଖବନ୍ଧକୁ ସାମୂହିକ ଭାବେ ପାଠ କରିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଭାରତୀୟ ସମ୍ବିଧାନର ମୁଖବନ୍ଧକୁ ପାଠ କରିଥିଲେ। ଭାରତୀୟ ସମ୍ବିଧାନର ସୁରକ୍ଷା ଓ ଅନୁପାଳନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଛାତ୍ର ବିକାଶ ପ୍ରଶିକ୍ଷଣ ଶିବିର

**ସୋର, ୨୬।୧୧(ଡ଼ି.ଏନ୍.ଏ.):** ସୋର ବ୍ଲକ ଅନ୍ତର୍ଗତ ଅନନ୍ତପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଛାତ୍ରବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଅନନ୍ତକୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୫୦ଜଣ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ଅଧାପକ କ୍ଷୀତିଶ ଜେନା ଛାତ୍ରୀଛାତ୍ରମାନଙ୍କୁ ପ୍ରାର୍ଥନା, ଯୋଗ, ପ୍ରାଣାୟମ ଓ ବୈଦିକ ଶିକ୍ଷା ପ୍ରଦାନ କରିଥିଲେ। ଶିକ୍ଷାକେନ୍ଦ୍ରର ଆଚାର୍ଯ୍ୟା ମମତାରାଣୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଖବରଦାତା ଗୁରୁତର

**ଖଇରା, ୨୬।୧୧(ଡି.ଏନ.ଏ.):** ସୋର-କୁପାରୀ ରାସ୍ତାରେ ଖଇରା ଥାନା ଅଧିନ ମଇତାପୁର ଛକ ନିକଟରେ ଟ୍ରକ ସହ ବାଇକ୍ ଧକ୍କା ହେବାରୁ ତପୋଧନ ବାରିକ ନାମକ ଜଣେ ଖବରଦାତା ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ ଭଦ୍ରକର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଖବରଦାତା ବାରିକ ରବିବାର ରାତିରେ ଖଇରାରୁ ଖବର ସଂଗ୍ରହ କରି ନିଜ ଘର ଅଭିମୁଖେ ଯାଉଥିବାବେଳେ ମଇତାପୁର ଛକ ନିକଟରେ ପୂର୍ବରୁ ଛିଡା ହୋଇଥିବା ଟ୍ରକ ସହ ଧକ୍କା ହୋଇଥିଲା।




ଆମରଣ ଅନଶନରେ ବସିଥିବା ବିଟିସିସି କର୍ମକର୍ତ୍ତା।

# ବିଟିସିସି କର୍ମକର୍ତ୍ତାଙ୍କ ଆମରଣ ଅନଶନ

**ରେମୁଣା, ୨୬।୧୧(ଡି.ଏନ.ଏ.)**

ବାଲେଶ୍ୱର ଟ୍ରାନ୍ସପୋର୍ଟ କୋର୍ଡ଼ିନେସନ୍ କମିଟି (ବିଟିସିସି)ର ନିର୍ବାଚନ ତାରିଖ ଶୀଘ୍ର ଘୋଷଣା, ୨୦୦୨ରେ ବିଟିସିସି ଗଠନ ଠାରୁ ଅଦ୍ୟାବଧି ଫରେନ୍ସିକ୍ ଅଡ଼ିଟ୍ ଏବଂ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକର ବାକି ରହୁଥିବା ବାଲାନ୍ସ ଭଡ଼ାକୁ ଶୀଘ୍ର ପୈଠ କରାଯିବା ଦାବିରେ ସୋମବାର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ୬ଜଣ କର୍ମକର୍ତ୍ତା ଆମରଣ ଅନଶନରେ ବସିଛନ୍ତି। ଦାବି ପୂରଣ ଦିଗରେ ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ପୂର୍ବରୁ ବିଟିସିସି ତରଫରୁ ବାଲେଶ୍ୱର ଜିଲାପାଳ, ଡିଆଇଜି ଓ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ହେଲେ ଅଦ୍ୟାବଧି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନ ନେଇଥିବାରୁ ଅସନ୍ତୋଷ ଲାଗି ରହିଛି। ଫଳରେ ବିଟିସିସିର କର୍ମକର୍ତ୍ତା ନିତୁନ୍ ସାହା, ଗୌରାଙ୍ଗ ଚନ୍ଦ୍ର ଦାସ, ଜୟହିନ୍ଦ୍ ଯାଦବ, ଶୁଭ୍ରାଂଶୁ ପଲେଇ, ରାଜେନ୍ଦ୍ର କୁମାର ରାଉତ ଏବଂ ଭଗବାନ ମୋହିନୀ ମିଳିତ ଭାବେ ଆମରଣ ଅନଶନରେ ବସି ରହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବାର ଜଣାପଡ଼ିଛି।



ସହଦେବଖୁଣ୍ଟା ଥାନାରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।

# ସହଦେବଖୁଣ୍ଟା ଥାନା ହେଲା ମଡେଲ୍ ଥାନା

## ଭିଡ଼ିଓ କନ୍‌ଫରେନ୍ସିଂରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ବାଲେଶ୍ୱର ଅଫିସ, ୨୬।୧୧**

ବାଲେଶ୍ୱର ସହରର ମୁଖ୍ୟ ପୋଲିସ ଷ୍ଟେଶନ ସହଦେବଖୁଣ୍ଟା ଥାନାକୁ ମଡ଼େଲ୍ ଥାନା ଭାବେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ଭିଡ଼ିଓ କନ୍‌ଫରେନ୍ସିଂରେ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଥାନା ପରିସରରେ ଆୟୋଜିତ ଉତ୍ସବରେ ଏମ୍‌ପି ଇଂ. ରବୀନ୍ଦ୍ର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର ପ୍ରମୁଖ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟରେ ୩୩ଟି ମଡ଼େଲ୍ ଥାନା ଉଦଘାଟନ କରାଯାଇଛି। ଏହାଦ୍ୱାରା ଉକ୍ତ ଥାନାଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଜନସାଧାରଣଙ୍କ ଆବେଦନକୁ ଅତିଶୀଘ୍ର ଗ୍ରହଣ, ତୁରନ୍ତ ତଦନ୍ତ କରି ନ୍ୟାୟ ପ୍ରଦାନ କରିବା ସହିତ ସହରରେ ଅପରାଧକୁ ରୋକିବା ପାଇଁ ଆଧୁନିକ ଯାନ୍ତ୍ରିକ ପ୍ରଣାଳୀରେ ଏହା ସହାୟକ ହେବ ବୋଲି ଅତିଥିମାନେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଏମ୍‌ପି ଜେନା କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଏଭଳି ରାଜ୍ୟରେ ଅନେକ ଥାନାକୁ ପରିସରଭୁକ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା

**ବସ୍ତା, ୨୬।୧୧(ସ୍ୱ.ପ୍ର.):** ବସ୍ତା ବ୍ଲକ ନାଇକୁଡ଼ିଠାରେ ଭାଜପା ସାହାଡ଼ା ମଣ୍ଡଳ ତରଫରୁ ସାହାଡ଼ା, ଇଡ଼ଦା, କଇନଗରୀ, ପୁଟୁରା, ନାଇକୁଡ଼ି, ସିଂଲା ଓ ନାବରା ଆଦି ପଞ୍ଚାୟତରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାହାଦଲପୁର ହରିହାଟ ପଡ଼ିଆରୁ ଏକ ଶୋଭାଯାତ୍ରା ବାହାରି ନାଡ଼ବଣି, ବାୟା ଆଦି ଅଞ୍ଚଳ ପରିକ୍ରମା କରିଥିଲା। ମଣ୍ଡଳ ସଭାପତି ପୁରୁଷୋତ୍ତମ ଭୂୟାଁ ଓ ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଜିଲା ଉପସଭାପତି ଅରୁଣ କୁମାର ବେଜ, ଜିଲା ସମ୍ପାଦକ ଅଜୟ ସାହୁ, ବସ୍ତା ଭାଜପା ପ୍ରଭାରୀ ଯାଦବେଶ ମିଶ୍ର ପ୍ରମୁଖ ରାଜ୍ୟ ସରକାରଙ୍କ ଅପରାଗତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।




ଜନପରାମର୍ଶ ପଦଯାତ୍ରାରେ ଭାଜପା କର୍ମକର୍ତ୍ତା।

# ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ

**ଜଳେଶ୍ୱର, ୨୬।୧୧(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ସମ୍ମୁଖରେ ସୋମବାର ନିର୍ମାଣ ଶ୍ରମିକ ସଂଘ (ସିଆଇଟିୟୁ), ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ୧୦ ଦଫା ଦାବି ନେଇ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଯୋଗ୍ୟ ଶ୍ରମିକମାନଙ୍କୁ ପରିଚୟପତ୍ର, ଗୃହ, ରାଶନ କାର୍ଡ଼ ସହିତ ସମସ୍ତ ସରକାରୀ ସୁବିଧାକୁ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏନେଇ ଏକ ଦାବିପତ୍ର ଶ୍ରମିକ ସଂଘ ତରଫରୁ ସ୍ଥାନୀୟ ବିଡିଓ ନିତ୍ୟାନନ୍ଦ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ବିକ୍ଷୋଭ ପୂର୍ବରୁ ଶ୍ରମିକମାନଙ୍କର ଏକ ଶୋଭାଯାତ୍ରା ଜଳେଶ୍ୱର ଡାକବଙ୍ଗଳାରୁ ବାହାରି ବ୍ଲକ



ଜଳେଶ୍ୱର ବ୍ଲକ୍ ଅଫିସ୍ ଆଗରେ ନିର୍ମାଣ ଶ୍ରମିକ ବିକ୍ଷୋଭ କରୁଛନ୍ତି।

ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଅନୁଷ୍ଠିତ ସଭାରେ ସଂଘର ବ୍ଲକ ସମ୍ପାଦକ ପଲ୍ଟୁ ଦାସ ସଭାପତିତ୍ୱ କରିଥିଲେ। ନେତା ଶିଶିର ହୁଇ, ସୀତାଂଶୁ ସେନାପତି, ଦିଲୀପ ଗିରି, ଦିଲୀପ ପରିଡ଼ା, ଗଣେଶ ଜେନା, ସନ୍ତୋଷ ଦାସ, ମଦନ ମାହାଲି, ସତ୍ୟାବତୀ ସେନ, କନକଲତା ଦଳାଇ ପ୍ରମୁଖ ଯୋଗ ଦେଇଥିଲେ।

# ମହିଳା ଆତ୍ମସୁରକ୍ଷା ତାଲିମ ଶିବିର

**ଖଇରା, ୨୬।୧୧(ଡି.ଏନ.ଏ.)**

ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର କନିଷ୍ଠ ମହାବିଦ୍ୟାଳୟରେ ସୋମବାରଠାରୁ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ଅଧାପକ ରୁଦ୍ର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଙ୍କୁ ୫ଭାଗରେ ବିଭକ୍ତ କରାଯାଇ ତାଲିମ ପ୍ରଦାନ କରାଯାଇଛି। ଏହା ୧୨ଦିନ ଧରି ଚାଲିବ। ମମତା ସାମଲ ଓ ଖୋଲଣା ବାରିକଙ୍କ ପକ୍ଷରୁ ତାଲିମଦାତ୍ରୀ ଭାବେ ବିଭିନ୍ନ କୌଶଳ ଶିଖାଉଛନ୍ତି। ରସାୟନ ବିଭାଗ ଅଧାପକ ବସନ୍ତ କୁମାର ବାରିକ, ମୁଖ୍ୟ କିରାଣି ସୁବଳ ଚରଣ ବାରିକ, ପିଅନ ମହେନ୍ଦ୍ର ପ୍ରସାଦ ଜେନା ଓ ଲୋଚନ ଦଳେଇ ପ୍ରମୁଖ ଉଦଘାଟନୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀ।

# କୁପାରୀରେ କଂଗ୍ରେସର କର୍ମୀ ସମ୍ମିଳନୀ

**ଖଇରା, ୨୬।୧୧(ଡି.ଏନ.ଏ.)**

ସିମୁଳିଆ ନିର୍ବାଚନ ମଣ୍ଡଳୀ ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଅମ୍ବିକା ମନ୍ଦିରରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ନବ କିଶୋର କର ଏଥିରେ ଅଧକ୍ଷତା କରିଥିଲେ। ଆଗାମୀ ନିର୍ବାଚନରେ ଖଇରା ବ୍ଲକରୁ ଯେକୌଣସି ଯୋଗ୍ୟବ୍ୟକ୍ତିଙ୍କୁ କଂଗ୍ରେସ ନେତୃବୃନ୍ଦ ସୁଯୋଗ ଦେବା ଦରକାର ବୋଲି ସେ ଦାବି କରିଥିଲେ। ଅନ୍ୟତମ ନେତା ଶରତ ଦାସ ଯୋଗଦେଇ କହିଥିଲେ ଯେ, କଂଗ୍ରେସ ଛାଡି ଅନ୍ୟ ଦଳରେ ଯୋଗ ଦେଇଥିବା ନେତାମାନେ ଏବେ ଅଣନିଃଶ୍ୱାସୀ ହୋଇପଡିଲେଣି। ସେମାନେ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ଯୋଗାଯୋଗ କରୁଥିବା ନେଇ ସୂଚନା ଦେଇଥିଲେ। ଏଆଇସିସି ସଦସ୍ୟ ତଥା ଜିଲା କଂଗ୍ରେସ ଉପସଭାପତି ରବି ଶତପଥୀ ନିଜ ଭାଷଣରେ ପୂର୍ବତନ ମନ୍ତ୍ରୀଙ୍କ

**ଖଇରାରୁ ପ୍ରାର୍ଥୀ ଦେବାକୁ ଦାବି**



ଅମ୍ବିକା ମନ୍ଦିରରେ କଂଗ୍ରେସର କର୍ମୀ ସମ୍ମିଳନୀ।

ଦଳ ଛାଡିବା ପରେ କଂଗ୍ରେସ ଦୁର୍ବଳ ହୋଇଗଲା ବୋଲି ଯାହା କୁହାଯାଉଛି ସେଥିରେ କୌଣସି ସତ୍ୟତା ନାହିଁ। ସିମୁଳିଆରେ କଂଗ୍ରେସ ଏବେ ସୁଦୃଢ଼। ଏଥର ଖଇରାରୁ କଂଗ୍ରେସ କୌଣସି ପ୍ରାର୍ଥୀ ଦେଲେ ତାଙ୍କର ବିଜୟ ସୁନିଶ୍ଚିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଭଦ୍ରକର ପୂର୍ବତନ ଏମ୍‌ପି ତଥା ରାଜ୍ୟ ଶୃଙ୍ଖଳା କମିଟି ସଭ୍ୟ ଅନନ୍ତ ପ୍ରସାଦ ସେଠୀ ବକ୍ତବ୍ୟରେ ଖଇରାରୁ ପ୍ରାର୍ଥୀ ଦେବାକୁ ଦୋହରାଇବା ସହ କଂଗ୍ରେସକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ସଭାପତି ଶରତ ରାଜ ଆବଶ୍ୟକ ସ୍ଥଳେ ସବୁ ପ୍ରକାର ସହାୟତା ସିମୁଳିଆ କଂଗ୍ରେସକୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କଂଗ୍ରେସ ଛାଡି ୨ବର୍ଷ ତଳେ ଭାଜପାକୁ ଯାଇଥିବା ଗରସଙ୍ଗ ପଞ୍ଚାୟତର ସମିତି ସଭ୍ୟ ରାଜେନ୍ଦ୍ର ଜେନା କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କୁ ଦଳ ତରଫରୁ ସ୍ୱାଗତ କରାଯାଇଥିଲା। ୪ ଜୋନରେ କଂଗ୍ରେସକୁ ସଜାଡିବା ଦାୟିତ୍ୱ ଯଥାକ୍ରମେ ନରେଶ ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, କମଳାକାନ୍ତ ପାଣିଗ୍ରାହୀ ଓ ପରୀକ୍ଷିତ ମହାପାତ୍ରଙ୍କୁ ଦିଆଯାଇଥିଲା। ଅନ୍ୟମାନଙ୍କ ମଧରେ ଜିଲା ସାଧାରଣ ସମ୍ପାଦକ ବସନ୍ତ ପାତ୍ର, ଉପେନ୍ଦ୍ର ସାହୁ, ରାମଚନ୍ଦ୍ର ଶତ୍‌ପଥୀ, ପରେଶ ସାମଲ, ବିଷ୍ଣୁଚରଣ ନାୟକ ଓ ଗୟାଧର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ତିହିଡ଼ି, ୨୬।୧୧ (ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର କାନପୁର ନିକଟରେ ରବିବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଜଣଙ୍କ ପିଣ୍ଟୁ ସାହୁ (୨୧) ଓ ଆହତ ଯୁବକ ଶୈଳେନ୍ଦ୍ର ବେହେରା(୨୫) ବୋଲି ଜଣାପଡ଼ିଛି। ଉଭୟଙ୍କ ଘର ଚାନ୍ଦବାଲି ଥାନା ଅଧୀନ ତେନ୍ତୁଲିଡିହ ଗ୍ରାମରେ। ସେମାନେ ଏକ ବାଇକ୍‌ରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ସେମାନଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପିଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ।

### ୨୯ ରେ ରିଟେଲର ମହାସଂଘର ସମାବେଶ

**ଧାମନଗର, ୨୬।୧୧ (ଡି.ଏନ.ଏ.):** ରାଜ୍ୟ ରିଟେଲର ସଂଘ ଡାକରାରେ ବିଭିନ୍ନ ଦାବି ନେଇ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଛକଠାରେ ବିଶାଳ ସମାବେଶ ଏବଂ ସାଧାରଣ ସଭା ଅନୁଷ୍ଠିତ ହେବ। ଏହି ସମାବେଶ କରି ସରକାରଙ୍କ ଉପରେ ଚାପ ପକାଯିବ ବୋଲି ଧାମନଗର ରିଟେଲର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଧାମନଗରଠାରେ ସଂଘ ନେତା ଜଗବନ୍ଧୁ ଲେଙ୍କା କହିଛନ୍ତି ଯେ, ବିଭିନ୍ନ ଦାବି ମଧ୍ୟରେ ଚାଉଳ, ଗହମ ପରି କିରୋସିନ ଦୋକାନ ପରିସରରେ ଯୋଗାଇଦେବା, ଖୁଚୁରା ବିକ୍ରି ବାବଦକୁ ସଟେଜ ଓ ଲିକେଜ ପ୍ରଦାନ, ସରକାରଙ୍କ ଯୋଗାଣ ମୁତାବକ ପିଓଏସ୍ ମେଶିନ ବକେୟା କମିଶନ ପ୍ରଦାନ ଓ ପ୍ରତିମାସ ନିୟମିତ କମିଶନ ପ୍ରଦାନ, ସମାନ କାମକୁ ସମାନ ସୁବିଧା ଅର୍ଥାତ୍ ଘରୋଇ ରିଟେଲରଙ୍କ କାର୍ଯ୍ୟଦକ୍ଷତା ଭିତ୍ତିରେ ଅଗ୍ରାଧିକାର ଦେବା, ଦୋକାନ ଘର ଭଡ଼ା ଓ ବିଦ୍ୟୁତ୍ ଶୁଳ୍କ ପ୍ରଦାନ, ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ରିଟେଲରମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବା ଦାବିରେ ଭୁବନେଶ୍ୱରଠାରେ ସମାବେଶରେ ସମସ୍ତ ରିଟେଲର ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଚାନ୍ଦବାଲି, ୨୬।୧୧ (ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର ଦିଗଛିଆ ଓ ନାଳଗୁଣ୍ଡା ମଝିରେ ଏକ ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ଖେରଙ୍ଗ ଗାଁର ପ୍ରଦୀପ ମାଝୀ (୫୦)ଙ୍କ ମୃତ୍ୟୁ ଘଟିଛି। ରବିବାର ବିଳମ୍ବିତ ରାତିରେ ସେ ବାଇକ୍‌ରେ ଅନ୍ୟ ଜଣଙ୍କ ସହ ଚନ୍ଦନିପାଲରୁ ଘରକୁ ଫେରୁଥିଲେ। ରାସ୍ତାକଡ଼ରେ ଢାଳା ଯାଇଥିବା ମୋରମ ଉପରେ ବାଇକ୍ ଚଢ଼ିଯିବାରୁ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବାଇକ୍ ଚାଳକ ମଧ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ଜମା ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତା ନିର୍ମାଣକାରୀ ସଂସ୍ଥା ମନମୁଖୀ ଭାବେ ପିଚୁ ଓ କଂକ୍ରିଟ ରାସ୍ତାରେ ମୋରମ ଢାଳିଥିବାରୁ ଦୁର୍ଘଟଣା ଘଟିଲା। ଲୋକେ ଉକ୍ତ ସଂସ୍ଥାକୁ ଦାୟୀ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଚାନ୍ଦବାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ୩୨ ଅଭିଯୋଗର ଶୁଣାଣି

**ବାସୁଦେବପୁର, ୨୬।୧୧ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଚିନ୍ତାମଣି ସଭାଗୃହ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୩୨ ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ସୁଚାରୁ ବଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଉତ୍ତମ ରାଓ, ସିଡିଏମ୍‌ଓ ଡା. ଅବଦୁଲ ରସିଦ, ବିଡିଓ ବୀରକିଶୋର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ବାସୁଦେବପୁର ଅଞ୍ଚଳର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



# ୧୦ ମାସ ବିତିଲା, ସରୁନି ତଦନ୍ତ

- ଦୈସିଂ ପଞ୍ଚାୟତରେ ଶୌଚାଳୟ ଦୁର୍ନୀତି ଘଟଣା
- ତଦନ୍ତ ଆଳରେ ଦିନ ଗଡ଼ାଉଛନ୍ତି ଅଧିକାରୀ

**ଭଦ୍ରକ ଅଫିସ, ୨୬।୧୧**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଦୈସିଂ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହେବା ଘଟଣା ପଦାକୁ ଆସିଥିଲା। ଏହାମଧ୍ୟରେ ଏଭଳି ଅଭିଯୋଗ ହେବାର ୧୦ ମାସ ବିତିଲାଣି। ହେଲେ ତଦନ୍ତ ସରୁନି। ଭିଜିଲାନ୍ସ ଓ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା କୁହାଯାଉଛି। ପ୍ରଶାସନିକ ଅଧିକାରୀମାନେ ତଦନ୍ତ ଆଳରେ ଦିନ ଗଡ଼ାଇ ଚାଲିଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ। ଏହାକୁ ନେଇ ଲୋକେ ପ୍ରଶାସନର ତଦନ୍ତ ଉପରୁ ଆସ୍ଥା ହରାଇବା ସହ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଦୁର୍ନୀତିକୁ ଚାପି ଦେବା ଲାଗି ଉଦ୍ୟମ ହେଉଥିବା ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।

ଦୈସିଂ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ଟିମ୍ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଥିଲା। ସେତେବେଳେ କେତେକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଥିଲା। ପରେ ଭିଜିଲାନ୍ସ ତଦନ୍ତ କେତେକାଂଶରେ ଶିଥିଳ ପଡ଼ିଛି। ଅନ୍ୟପକ୍ଷେ ବିଳମ୍ବ ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲେ ବି ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କେବଳ ସଦର ବ୍ଲକ ନୁହେଁ, ଜିଲାର ଅନ୍ୟ ବ୍ଲକରେ ମଧ୍ୟ ଏହି ଯୋଜନାରେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରିକି ପାଇଖାନା ତିଆରି ନ କରି ସରକାରୀ ଅନୁଦାନ ବାବଦକୁ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। କେତେକ ଅସାଧୁ କର୍ମଚାରୀ ନିଜ ସମ୍ପର୍କୀୟ, ବନ୍ଧୁବାନ୍ଧବ ଓ ପଡ଼ୋଶୀଙ୍କୁ ହିତାଧିକାରୀ ଦର୍ଶାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ୟାମ୍ପରିଂ କରି ଟଙ୍କା ଚଳୁ କରୁଥିବାର ପ୍ରମାଣ ମିଳିସାରିଛି। କେତେ ପରିମାଣର ଟଙ୍କା କେତେ ହିତାଧିକାରୀଙ୍କ ଆକାଉଣ୍ଟକୁ ଯାଇଛି ସେନେଇ ତନାଘନା କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ଜିଲାପାଳ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ ସକାଶେ ନିର୍ଦ୍ଦେଶ ଦେବା ପରେ ଡିଆରଡିଏର ଦୁଇ ଅଧିକାରୀ ଥରୁଟିଏ ଦୈସିଂ ଅଞ୍ଚଳକୁ ଯାଇ ଫେରିଆସିଥିବା ଜଣାପଡ଼ିଛି।

ଉଲ୍ଲେଖନୀୟ ଯେ, ଏହି ପଞ୍ଚାୟତର କୁସୁନନଗର ଓ ଏହା ଆଖପାଖ ଗାଁରେ କିଛିଦିନ ପୂର୍ବେ ରାତାରାତି ଶୌଚାଳୟ ନିର୍ମାଣ କରାଯାଇଥିବା କୁହାଯାଉଛି। ଏପରିକି ଗୋଟିଏ ଶୌଚାଳୟରେ ୨ ରୁ ୩ ଥର ବିଭିନ୍ନ ରଙ୍ଗ ଦେଇ ହିତାଧିକାରୀଙ୍କ ଭିନ୍ନ ଭିନ୍ନ ନାଁ ଦର୍ଶାଇ ଟଙ୍କା ହଡ଼ପ କରାଯାଇଥିବା ଜଣାପଡ଼ିଥିଲା। ଜଣେ ମୋଟିଭେଟରର ନିଜ ସମ୍ପର୍କୀୟଙ୍କ ଆକାଉଣ୍ଟକୁ ୭ ରୁ ୮ ଥର ଟଙ୍କା ଟ୍ରାନ୍ସଫର କରିଥିବା ଭିଜିଲାନ୍ସ ତଦନ୍ତ ବେଳେ ପଦାକୁ ଆସିଥିଲା। ସମ୍ପୃକ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଷ୍ଟେଟମେଣ୍ଟର ନକଲ ହାସଲ କରି ଭିଜିଲାନ୍ସ ଓ ପ୍ରଶାସନିକ ଅଧିକାରୀ ତଦନ୍ତ କରୁଥିବା ସୂଚନା ମିଳିଥିଲା। ଏହି ଦୁର୍ନୀତିରେ ତଳସ୍ତରରୁ ଉପର ପର୍ଯ୍ୟନ୍ତ କର୍ମଚାରୀଙ୍କ ସମ୍ପୃକ୍ତି ଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଲାଗି ପଛଘୁଞ୍ଚା ଦିଆଯାଉଥିବା ନେଇ ଚର୍ଚ୍ଚା ହେଉଛି। ତଦନ୍ତରେ ଯାଇଥିବା ଜଣେ ଅଧିକାରୀ ରାଜନେତାଙ୍କ ଭୟରେ ଉକ୍ତ ଗାଁକୁ ନ ଯାଇ ତାଙ୍କୁ ବିଭିନ୍ନ ଧମକ ଦିଆଯାଉଥିବା ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ତଦନ୍ତ ପ୍ରକ୍ରିୟା ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତଦନ୍ତ ସରି ରିପୋର୍ଟ ଆସିଥିଲା। କେତେଜଣଙ୍କ ଆକାଉଣ୍ଟ ଟ୍ୟାମ୍ପରିଂ କରି ଟଙ୍କା ହଡ଼ପ କରାଯାଇଛି ସେନେଇ ଚୂଡ଼ାନ୍ତ ରିପୋର୍ଟ ଦେବା ଲାଗି ସେ ପ୍ରଥମ ରିପୋର୍ଟକୁ ଫେରାଇ ଦେଇଛନ୍ତି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



A/c. No 22540110032404
Names ANIL KUMAR PANDA
GL Sub Head 12015
Opening Bal. 155.00 Cr
Float Balance 0.00 Cr
Available Amt. 814.50 Cr
Cust. Status GENER GENERAL
A/c. Status A Active
Last Purge Date 28-11-2012
Address S/O-RABINDRA KUMAR PANDA KUSUN NAGAR,CHADHEYA
City BHAD BHADRAK
Country IN INDIA
CCY / SOL ID INR / 2254
Balance 814.50 Cr
Closing Bal 814.50 Cr
Funds in Clearing 0.00
Eff. Available Amt 814.50 Cr
A/c. Open Date 29-11-2012
A/c. Status Date 30-12-2016
State OR ORISSA
Postal Code 756113

| Tran. Date | Value Date | Chq. No. | Withdrawl | Deposit | Balance | Narration |
|---|---|---|---|---|---|---|

ଏକାଧିକବାର ପାଇଖାନା ବାବଦ ଟଙ୍କା ନିଆଯାଇଥିବା ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ଅର୍ପିତ



@ ରଶ୍ମିତା



@ ଶଙ୍କର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ମେଲାଣି ନେଲେ ମା’ କାଳୀ

**ବାସୁଦେବପୁର, ୨୬।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ଐତିହାସିକ କାଳୀପୂଜା ଭସାଣି ଉତ୍ସବ ରବିବାର ଧୁମ୍‌ଧାମ୍‌ରେ ଶେଷ ହୋଇଛି। ବାସୁଦେବପୁରର ୪ ପୂଜା କମିଟିର ମିଳିତ ସହଯୋଗରେ ଭସାଣି ଉତ୍ସବ ସମ୍ପନ୍ନ ହୋଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ଅପରାହ୍ନ ୫ଟା ବେଳେ ଭସାଣି ଆରମ୍ଭ ହୋଇ ରାତି ୧୦ ଟାରେ ଶେଷ ହୋଇଥିଲା। ପୂଜା ମଣ୍ଡପରୁ ମେଢ଼ଗୁଡ଼ିକ ବାହାରି ସହର ପରିକ୍ରମା କରିବା ପରେ ରାତି ୧୦ ଟାରେ କଚେରି ବଜାର ନିକଟସ୍ଥ ବସ୍‌ଷ୍ଟାଣ୍ଡରେ ଭସାଣି କରାଯାଇଥିଲା। ପାରମ୍ପରିକ ବାଦ୍ୟ, ନୃତ୍ୟର ତାଳେ ତାଳେ ଭଜନ କୀର୍ତ୍ତନ ସହ ଆଦିବାସୀ ନୃତ୍ୟ ଓ ବାଣ ରୋଶଣୀ ଶୋଭାଯାତ୍ରା ଦେଖଣାହାରୀଙ୍କ ମନ ମୋହିଥିଲା। ଶ୍ରଦ୍ଧାଳୁମାନେ ଜମାହୋଇ ଶୋଭାଯାତ୍ରାର ଆନନ୍ଦ ନେବା ସହ ମା’ କାଳୀଙ୍କୁ ବିଦାୟ ଜଣାଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବାଦ୍ୟ ଓ ନୃତ୍ୟ ଦଳ ଆସି ଭସାଣିରେ ସାମିଲ ହୋଇଥିଲେ। ମେଢ଼ଗୁଡ଼ିକୁ ଶୋଭାଯାତ୍ରାରେ ନିଆଯାଇ ବାଲିନଗର ଗ୍ରାମ ପୋଖରୀରେ ମା’ କାଳୀଙ୍କ ବିସର୍ଜନ କରାଯାଇଥିଲା। ବାସୁଦେବପୁରର ଆମ କାଳୀପୂଜା କମିଟି, ବ୍ଲକ ରୋଡ କାଳୀପୂଜା, ହାଇସ୍କୁଲ ଛକ ଓ କଚେରି ବଜାରର ବସ୍‌ଷ୍ଟାଣ୍ଡ କାଳୀ ପୂଜା କମିଟି କର୍ମକର୍ତ୍ତାଙ୍କ ସହଯୋଗ ଓ ସ୍ଥାନୀୟ ଥାନା ଆଇଆଇସି ଉମାଶଙ୍କର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଭସାଣି ଉତ୍ସବ ଶେଷ ହୋଇଥିଲା।



ବ୍ଲକ ରୋଡ୍ ପୂଜାକମିଟି କାଳୀମେଢ଼।

## ‘ଶାରୀରିକ ଦକ୍ଷତା ବୃଦ୍ଧି ଲାଗି କ୍ରୀଡ଼ା ଜରୁରୀ’

**ଧାମନଗର, ୨୬।୧୧ (ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଓଷ୍ଟାର ବ୍ଲକ ସଭାପତି ରମାକାନ୍ତ ପରିଡା ମୁଖ୍ୟଅତିଥି, ସମ୍ପାଦକ ହେମନ୍ତ ସୂତାର, ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଏସ୍‌ଏମ୍‌ଡିସି ସଦସ୍ୟ ରାଜେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାରୀରିକ ଦକ୍ଷତା ବୃଦ୍ଧି ପାଇଁ କ୍ରୀଡ଼ା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶତାଧିକ କ୍ରୀଡ଼ାବିତ୍ ଛାତ୍ରୀଛାତ୍ର ଧୂଷୁରୀ ଶିବମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟରେ ପହଞ୍ଚିଥିଲେ। ବାଳିକା ଏବଂ ବାଳକ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ରହିଛି। କ୍ରୀଡ଼ା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା, ସୌମ୍ୟା ପ୍ରଧାନ, ଯୁଗସ୍ୱପ୍ନା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସର୍ବଭାରତୀୟ ମୁଶାଏରା ସମାରୋହ

## ‘ଭଦ୍ରକ ଉଭୟ ସମ୍ପ୍ରଦାୟର ସମନ୍ୱୟ ସ୍ଥଳ’



ସର୍ବଭାରତୀୟ ମୁଶାଏରା ସମାରୋହରେ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଓ ଅନ୍ୟମାନେ।

**ଭଦ୍ରକ ଅଫିସ, ୨୬।୧୧**

ଭଦ୍ରକ ଜିଲା ପୁରୁଣାବଜାର ସ୍ଥିତ ମଦିନା ମଇଦାନରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସର୍ବଭାରତୀୟ ମୁଶାଏରା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସମ୍ପାଦକ ସୈୟଦ ମୁଶିର ଆଲମଙ୍କ ସଭାପତିତ୍ୱ ଓ ଅଦବି ମରକଜର କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ କାର୍ଯ୍ୟକ୍ରମ ହୋଇଥିଲା। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଭଦ୍ରକ ଉଭୟ ସମ୍ପ୍ରଦାୟର ଏକ ସମନ୍ୱୟ ସ୍ଥଳ ବୋଲି କହିଥିଲେ। ଏଠାକାର ଭାଇଚାରା ବିରଳ ବୋଲି ସେ ବକ୍ତବ୍ୟ ରଖିଥିଲେ। ବିଧାୟକ ଯୁଗଳ କିଶୋର ପଟ୍ଟନାୟକ, ଭଦ୍ରକ ମୁସ୍‌ଲିମ ଜମାତର ସଭାପତି ହାଜୀ ଅବଦୁଲ ବାରୀ, ବିଜେଡି ଜିଲା ଉପସଭାପତି ଅସିତ ପଟ୍ଟନାୟକ, ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ମାନସ ମହାନ୍ତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବଭାରତୀୟ ମୁଶାଏରା ଭଦ୍ରକର ବରିଷ୍ଠ କବି ସମନ ନଶିମଙ୍କ ଅଧ୍ୟକ୍ଷତାରେ କବି ସରଦାର ଅସର ସଞ୍ଚାଳନା କରିଥିଲେ। ଭାରତର ସୁପ୍ରସିଦ୍ଧ କବି ଚାନ୍ଦ ଦେଓବନ୍ଦି, ଦାନିସ ଗଜଲ, ବରକତ ହୋଲେଟ, ସବନମ ଅଲ୍ଲୀ, ମହମ୍ମଦ ଅସର, ଇଜହାର ଜବଲପୁରୀ, ରଫିକ ଅସର, ମୁଖତାର ନଶିମ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷା, ଶିକ୍ଷକମାରଣ ନୀତିକୁ ସମାଲୋଚନା

**ଭଦ୍ରକ ଅଫିସ, ୨୬।୧୧**

ସାଳନ୍ଦୀ କଲୋନୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲା ଟିଜି ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଭାକର ଖଟୁଆ ସଭାପତିତ୍ୱ କରିଥିଲେ। ଏଲିମେଣ୍ଟାରି ଟିଜି ଶିକ୍ଷକ ସଂଘର ରାଜ୍ୟ ସଭାପତି ଲକ୍ଷ୍ମଣ କୁମାର ମହାନ୍ତି, ସିମୁଳିଆର ବିଡିଓ ଡ. ନରହରି ବେହେରା, ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ରାଜ୍ୟ ସଂଗଠନ ସମ୍ପାଦକ ସଚ୍ଚିକାନ୍ତ ମିଶ୍ର, ପୁରୀରୁ ଶିକ୍ଷକ ନେତା ଗୁରୁପ୍ରସାଦ ଦାସ, ଠାକୁରମୁଣ୍ଡାରୁ ଯୁଧିଷ୍ଠିର ମାହୁନ୍ତ, ଯାଜପୁରରୁ ନିମାଇଁ ରଞ୍ଜନ ଦାସ, ଭଦ୍ରକରୁ ଗୟାଧର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସରକାରଙ୍କ ଶିକ୍ଷା ଓ ଶିକ୍ଷକମାରଣ ନୀତିକୁ ଅତିଥିମାନେ ସମାଲୋଚନା କରିଥିଲେ। ଜିଲା ସମ୍ପାଦକ ସମୀର କୁମାର ଜେନା ସରକାର ନୂତନ କ୍ୟାଡର ନିୟମକୁ ଏଣ୍ଟ୍ରିଗ୍ରେଡ ୨୮୦୦ ପରିବର୍ତ୍ତେ ୨୨୦୦ କରିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲା ସଂଗଠନ ସମ୍ପାଦକ ପ୍ରତାପ କୁମାର ଧୂପାଳ ବ୍ଲକସ୍ତରରୁ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ।

## ଜନପରାମର୍ଶ ପଦଯାତ୍ରା

**ତିହିଡ଼ି, ୨୬।୧୧ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ଭାଜପା ସାହାଡ଼ା ସୁନ୍ଦରୀ ମଣ୍ଡଳ ପକ୍ଷରୁ ସୋମବାର ସିନ୍ଦୋଳ ପଞ୍ଚାୟତରେ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀ ଘର ଘର ବୁଲି ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ମଣ୍ଡଳ ସଭାପତି ପ୍ରଦୀପ ବଳ, ସମ୍ପାଦକ ସରୋଜ ନାୟକ ଏହାର ନେତୃତ୍ୱ ନେଇଥିଲେ। ଭାଜପା ନେତା ମାଧବାନନ୍ଦ ମଲ୍ଲିକ, ବ୍ରଜମୋହନ ପାଣିଗ୍ରାହୀ, ରବି ଦାସ, ଦୋଳଗୋବିନ୍ଦ ବିନ୍ଧାଣି, ନିରଞ୍ଜନ ନାୟକ, ଉମାକାନ୍ତ ପରିଡ଼ା, ଭାସ୍କର ଦାସ, ପରମାନନ୍ଦ ନାୟକ, ବସନ୍ତ ଦାସ, ଗୋଲକ ମଲ୍ଲିକ, ଦାଶରଥୀ ବେହେରା, ବୁଦ୍ଧିରାମ ସେଠୀ, ବଳରାମ ବାରିକ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

# ଲୋକଙ୍କଠାରୁ ପରାମର୍ଶ ସଂଗ୍ରହ

**ଭଣ୍ଡାରିପୋଖରୀ, ୨୬।୧୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ଭାଜପା ବଳଦେବଜୀଉ ମଣ୍ଡଳ ପକ୍ଷରୁ ନପଙ୍ଗ ଓ ଦକ୍ଷିଣବାଡ଼ ପଞ୍ଚାୟତରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଳୀୟ କର୍ମୀମାନେ ଲୋକଙ୍କଠାରୁ ଲିଖିତ ପରାମର୍ଶ ସଂଗ୍ରହ କରିଥିଲେ। ଦଳୀୟ ନେତା ଓ କର୍ମୀମାନେ ବାଙ୍କମୁହାଁ ଗ୍ରାମସ୍ଥିତ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ପଦଯାତ୍ରା ଆରମ୍ଭ କରିଥିଲେ। ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନସ୍ମିତା ଖୁଣ୍ଟିଆ, ବସନ୍ତ ରାଉତ, ନିର୍ମଳ କର, ମୁକୁନ୍ଦ ମଲିକ, ଜୟସ୍ମିତା ଗୋଚ୍ଛାୟତ, ତପସ୍ୱିନୀ ମହାପାତ୍ର, ପ୍ରେମଲତା କର, ସତ୍ୟବ୍ରତ ଦାସ ପ୍ରମୁଖ ସାମିଲ ହୋଇଥିଲେ। ନପଙ୍ଗ ଗ୍ରାମଠାରେ ଏଲ୍‌ଇଡି ସଂଯୁକ୍ତ ଭ୍ୟାନରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଗ୍ରାମବାସୀଙ୍କୁ ଶୁଣାଯାଇଥିଲା। ଯୋରାଗଡିଆ ଗ୍ରାମଠାରେ ସୁଶାନ୍ତ ପତିଙ୍କ ସଂଯୋଜନାରେ ଏକ ସଭା ହୋଇଥିଲା। ଦକ୍ଷିଣବାଡ ପଞ୍ଚାୟତରେ ଶତାଧିକ ଦଳୀୟ କର୍ମୀ ପାଳଦାବାଙ୍କସ୍ଥିତ ହନୁମାନ ମନ୍ଦିରରୁ ପୂଜାର୍ଚ୍ଚନା କରି ପଦଯାତ୍ରାରେ ବାହାରିଥିଲେ। ସେମାନେ ଦକ୍ଷିଣବାଡ଼, ଉତ୍ତରବାଡ, ସୁନାହାର ଗ୍ରାମରେ ଘରକୁ ଘର ଯାଇ ଲୋକଙ୍କୁ ଭେଟି ବ୍ୟକ୍ତିଗତ ଓ ଗ୍ରାମର ସାମୂହିକ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

## ଲୁଟି ନେଲେ ୨ ଲକ୍ଷ ୩୬ ହଜାର

**ପଦ୍ମପୁର, ୨୬।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଲୁଙ୍ଗା ଗ୍ରାମର ଶରତ କୁମାର ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କଠାରୁ ସୋମବାର ଅପରାହ୍ନରେ ଦୁଇଜଣ ଦୁର୍ବୃତ୍ତ ୨ ଲକ୍ଷ ୩୬ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଶରତ ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ୨ ଲକ୍ଷ ୩୬ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଚଉଁରାଛକ ନିକଟରେ ସେ ଗାଡ଼ିରୁ ଓହ୍ଲାଇ ଚାଲି ଚାଲି ଯାଉଥିବା ବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଝାମ୍ପି ନେଇ ପଳାଇଯାଇଥିଲେ।

# ମହତାବଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି ଜୋର ଧରିଲା

**୨୮ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା**

**ଭଦ୍ରକ ଅଫିସ, ୨୬।୧୧**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାରେ ଡ.ହରେକୃଷ୍ଣ ମହତାବଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନକୁ ଜିଲା ପ୍ରଶାସନ ବିରୋଧ କରିବା ଘଟଣାକୁ ନେଇ ଜିଲା କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୨୮ ତାରିଖରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ। ୨ ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଧାରଣାରେ ସାମିଲ ହେବେ ବୋଲି ସ୍ଥିର ହୋଇଛି।

ଏହି ପରିପ୍ରେକ୍ଷୀରେ ସୋମବାର ପିସିସି ସାଧାରଣ ସମ୍ପାଦକ ତଥା ଜିଲା କଂଗ୍ରେସ ପ୍ରଭାରୀ ମହମ୍ମଦ ଆକବର ଅଲ୍ଲୀ ଜିଲା କଂଗ୍ରେସର ପ୍ରତିନିଧି ଦଳଙ୍କ ସହ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଡ. ମହତାବ ନବଉତ୍କଳର ନିର୍ମାତା ଏବଂ ଜିଲାର ଗର୍ବ ଓ ଗୌରବ। ତାଙ୍କ ପ୍ରତିମୂର୍ତ୍ତି ଆଗରପଡ଼ାରେ ସ୍ଥାପନ ଲାଗି ମହତାବ ସ୍ମାରକୀ ପରିଷଦ ନେଇଥିବା ନିଷ୍ପତ୍ତି ପ୍ରଶଂସନୀୟ। ହେଲେ ଜିଲା ପ୍ରଶାସନ ଏଥିପାଇଁ ଅନୁମତି ଦେଇ ପରେ ପ୍ରତ୍ୟାହାର କରିନେବା ନିନ୍ଦନୀୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ପ୍ରତିମୂର୍ତ୍ତି ନିର୍ମାଣ ସରିବା ପରେ ତାକୁ ସ୍ଥାପନ କରାଇ ନ ଦେବା ଦୁଃଖ ଓ ପରିତାପର ବିଷୟ ବୋଲି ଭଦ୍ରକର ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ ପ୍ରକାଶ କରିଛନ୍ତି। ମହତାବଙ୍କ ମୂର୍ତ୍ତି ସ୍ଥାପନକୁ ନେଇ ଜିଲାରେ ରାଜନୀତି ଚାଲିଛି। ଡ. ମହତାବ କେବଳ ଭଦ୍ରକର ନୁହଁନ୍ତି। ସେ ସମଗ୍ର ଭାରତବାସୀଙ୍କ ପାଇଁ ଅମୂଲ୍ୟ ରତ୍ନ ବୋଲି ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି ପ୍ରତିକ୍ରିୟା ରଖିଛନ୍ତି। ପୂର୍ବତନ ଜିଲା ସଭାପତି ନାରାୟଣ ପାଢ଼ୀ, ପିସିସି ସମ୍ପାଦକ ପ୍ରେମାନନ୍ଦ ନାୟକ, ଶୁଭେନ୍ଦୁ ରାୟମହାପାତ୍ର, ଜିଲା ଉପସଭାପତି ବିକାଶ ସାମଲ, ବିଦ୍ୟାଧର ଜେନା, ଜିଲା ଛାତ୍ର କଂଗ୍ରେସ ସଭାପତି ବଳରାମ ରାଉତ ଓ ଅଭିଜିତ ଜେନା ପ୍ରମୁଖ ଜିଲା ପ୍ରଶାସନର ଏଭଳି ନୀତିକୁ କଡ଼ା ସମାଲୋଚନା କରିଛନ୍ତି।

## ମାନସ ମଲ୍ଲିକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଆଜି

**ଧାମନଗର, ୨୬।୧୧ (ଡି.ଏନ.ଏ.)**

ଧାମନଗର ବ୍ଲକର କୃଷିବିପ୍ଳବୀ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କର ଜ୍ୟେଷ୍ଠପୁତ୍ର ତଥା ଅପ୍ରତିଦ୍ୱନ୍ଦ୍ୱୀ ନେତା ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ସ୍ମୃତି ପାଇଁ ଧୂଷୁରୀ ପୂଜ୍ୟପୂଜା ସଂସଦ ପରିସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ମଙ୍ଗଳବାର ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ନେଇ ଧାମନଗରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ଘୋଷଣା କରାଯାଇଛି। ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଜିଲା ଭିଜିଲାନ୍ସମନିଟରିଂ ସଭ୍ୟ ହରେକୃଷ୍ଣ ପାଢ଼ୀ, ନାରାୟଣ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ହାଟଡିହୀ,୨୬।୧୧(ଡି.ଏନ୍.ଏ.)- କେନ୍ଦୁଝର ଜିଲା ନନ୍ଦିପଦା ଥାନା ତାମ୍ପଳା ଗ୍ରାମରେ ସ୍ତ୍ରୀଙ୍କୁ ମାଡ଼ ମାରି ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ଗ୍ରାମର ସନ୍ତୋଷ ସ୍ୱାଇଁ ସୋସୋ ଥାନା ଅଧୀନ ମୌଦା ଗ୍ରାମର ଉର୍ମିଳାଙ୍କୁ ବିବାହ କରିଥିଲେ। ବିଭିନ୍ନ ସମୟରେ ବିଭିନ୍ନ କାରଣକୁ ନେଇ ସ୍ୱାମୀ ସନ୍ତୋଷ ସ୍ତ୍ରୀ ଉର୍ମିଳାଙ୍କୁ ମାଡ ମାରୁଥିଲେ। ଏନେଇ ଉର୍ମିଳାଙ୍କର ଭାଇ ଜଗନ୍ନାଥ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ନନ୍ଦିପଦା ପୋଲିସ ଏକ ମାମଲା (ନଂ. ୧୩୮/୨୦୧୮) ରୁଜୁ କରିଥିଲେ।

### ଦେଶୀ ମଦ ଜବତ, ୨ ଗିରଫ

ଯୋଡା,୨୬।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଖଣ୍ଡବନ୍ଧ ରାସ୍ତାରୁ ପୋଲିସ ଚଢାଉ କରି ଦେଶୀ ମଦ ସହ ଏକ ବୋଲେରୋ ଜବତ କରି ଏଥିରେ ସମ୍ପୃକ୍ତ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି। ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଏକ ବୋଲେରୋ ଗାଡିରେ ୧୦୦ ଲିଟର ମହୁଲି ମଦ ବୋଝେଇ କରି ଚାଲାଣ କରାଯାଉଥିଲା। ଖବରପାଇ ପୋଲିସ ସୋମବାର ସକାଳ ୯ଟା ସମୟରେ ଖଣ୍ଡବନ୍ଧ ରାସ୍ତାରେ ଚଢାଉ କରିଥିଲା। ମହୁଲିମଦ ଜବତ କରିବା ସହିତ ଏଥିରେ ସମ୍ପୃକ୍ତି ଅଭିଯୋଗରେ ସିଲଯୋଡା ଅଞ୍ଚଳର ପାଣ୍ଡୁ ମୁଣ୍ଡା ଓ କ୍ରୀଷ୍ଣା ସିଦ୍ଧୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

### ଡିଜେଲ୍ ଚୋରି, ଅଭିଯୁକ୍ତ ଗିରଫ

ଯୋଡା,୨୬।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରୀ ପୋଲିସ ଚୋରା ଡିଜେଲ କାରବାର ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାମେବାରୀ ଅଞ୍ଚଳର ଡ୍ରାଇଭର ବିର ସିଂ ମୁଣ୍ଡା ଗାଡିର ମାଲିକଙ୍କୁ ନଜଣାଇ ୯୦ ଲିଟର ଡିଜେଲ ଚୋରାରେ ବି ପ୍ଲଟ ଅଞ୍ଚଳରେ ବିକ୍ରି କରୁଥିବା ଅଭିଯୋଗ ହେବା ପରେ ପୋଲିସ ତାଙ୍କୁ ଗିରଫ କରିଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ବସନ୍ତିଆରେ ଜମୁଛି ରାଧାକୃଷ୍ଣଙ୍କ ପୂଜା

ହାଟଡ଼ିହି, ୨୬।୧୧(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡ଼ିହୀ ନିକଟସ୍ଥ ବସନ୍ତିଆ ଗ୍ରାମର ନବଚୌଧୁରୀ ପୋଖରୀ ଆଡ଼ିର ଦୁଇ ପାର୍ଶ୍ୱରେ ରାଧା କୃଷ୍ଣମୂର୍ତ୍ତି କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଦୁଇଟି ତୋରଣ ପୂଜା ମଣ୍ଡପର ଶୋଭା ବଢାଉଛି। ପଞ୍ଚୁକ ପୂର୍ଣ୍ଣମୀ ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୭ ଦିନ ଧରି ଚାଲିବ। ପୋଖରି ୪ ପଟ ଏବଂ ମଣ୍ଡପକୁ ଆକର୍ଷଣୀୟ ଆଲୋକରେ ସୁସଜ୍ଜିତ କରାଯାଇଛି। ସେଠାରେ ମିନାବଜାର, ଦୋଳି ସାଙ୍ଗକୁ ବିଭିନ୍ନ ଦୋକାନ ବଜାରର ଆସର ଜମିଛି। ପୋଖରୀ ଦୁଇ କୂଳରେ ଦୁଇଟି ସୁସଜ୍ଜିତ ବୋଇତ ନିର୍ମାଣ କରାଯାଇଛି, ଯାହାକି ଭକ୍ତ ଓ ଦର୍ଶକଙ୍କୁ ବିମୋହିତ କରିଛି। ୩୧ ବର୍ଷ ତଳେ ବସନ୍ତିଆ ଗ୍ରାମର ପ୍ରଦୀପ କୁମାର ପଣ୍ଡାଙ୍କ ଦ୍ୱାରା ଏହି ପୂଜା ଆରମ୍ଭ ହୋଇଥିଲା। ଏହା ଏବେ ଏକ ବଡ ଉତ୍ସବରେ ପରିଣତ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମେଲୋଡ଼ି ଆୟୋଜନ କରାଯାଇଛି। ଏହି ସ୍ଥାନ ଭଦ୍ରକ- କେନ୍ଦୁଝର ସୀମାରେ ଥିବାରୁ ପୂଜାରେ ଦୁଇଜିଲାର ଲୋକଙ୍କ ସମାଗମ ହେଉଛି। ସନ୍ଧ୍ୟାରେ ଅଧିକ ଗହଳି ହେଉଥିବାରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ସମ୍ବିଧାନ ଦିବସ ପାଳିତ



ଆନନ୍ଦପୁର,୨୬।୧୧(ସ୍ୱ.ପ୍ର.)- ଆନନ୍ଦପୁର ବ୍ଲକ ଟୁକୁଣାସ୍ଥିତ ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ଶୁଭଦର୍ଶିନୀ ଦେବବନ୍ଦିତା ଚକ୍ରଙ୍କ ସଭାପତିତ୍ୱରେ ସମ୍ବିଧାନର ସୁରକ୍ଷା ପାଇଁ ଛାତ୍ରୀଛାତ୍ର, ଅଧାପକ, ଅଧାପିକାମାନେ ଶପଥ ପାଠ କରିଥିଲେ। ଅଧାପକ ମନୋରଞ୍ଜନ ପାଢ଼ୀ, ଡ.ଗୋପୀନାଥ ପଣ୍ଡା, ନବ କୁମାର ପଣ୍ଡା, ସୁଦର୍ଶନ ସାହୁ, ଭୋଳେଶ୍ୱର ପ୍ରଧାନ, ଯଦୁମଣି ମିଶ୍ର, ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

# ରେମାଳରେ ପର୍ଯ୍ୟଟକଙ୍କ ଗହଳି

କୋଲିମାଟି, ୨୬।୧୧ (ଡି.ଏନ.ଏ.)

ଶୀତ ପଡିବା ପରେ ବଣ ପାହାଡ଼ ଘେରା କେନ୍ଦୁଝର ଜିଲାର ବିଭିନ୍ନ ପିକନିକ୍ ସ୍ପଟ ଓ ଦର୍ଶନୀୟ ସ୍ଥାନ ଚଳଚଞ୍ଚଳ ହୋଇଉଠିଛି। କେତେକ ସ୍ଥାନକୁ ପର୍ଯ୍ୟଟକ ଆସିବା ଆରମ୍ଭ କଲେଣି। ଘସିପୁରା ହରିଚନ୍ଦନପୁର ଓ ଦୈତାରୀ ଥାନାର ସୀମାରେ ଥିବା ରେମାଳ ଡ୍ୟାମର ପରିବେଶ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରୁଛି। ଏବେଠାରୁ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଆସି ବଣଭୋଜି କରି ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଉଛନ୍ତି। ରବିବାର ଏଠାରେ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିବାରୁ ସାରା ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା।

କେନ୍ଦୁଝର ଓ ଘସିପୁରାଠାରୁ ରେମାଳ ଡ୍ୟାମର ଦୂରତା ଯଥାକ୍ରମେ ପ୍ରାୟ ୭୫ ଓ ୨୨ କି.ମି.। ଭୁବନେଶ୍ୱରରୁ ସଡ଼କ ପଥରେ ଦୂରତା ୧୨୫ କିମି ହେବ। ଟ୍ରେନରେ ଆସିଲେ ଟାଙ୍ଗିରିପାଳ ଷ୍ଟେଶନରୁ ଓହ୍ଲାଇ ୩ କି.ମି ଦୂର ଗଲେ ପଡ଼େ ଏହି ପିକ୍‌ନିକ ସ୍ପଟ। ୧୯୭୨ ମସିହା ଜୁନ ମାସରେ ଜଳସେଚନ ପ୍ରସାର ଉଦ୍ଦେଶ୍ୟରେ ଏହି ଡ୍ୟାମ ନିର୍ମାଣ ଲାଗି ପରିକଳ୍ପନା କରାଯାଇଥିଲା। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ବିଧାୟକ ମୁରଲୀ କୁଅଁର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ଡ୍ୟାମ ନିର୍ମିତ ହୋଇ ଜଳସେଚନ ଓ ପର୍ଯ୍ୟଟନ ସମେତ ଅଞ୍ଚଳର ଆର୍ଥିକ ବିକାଶରେ ସହାୟକ ହୋଇଛି। ବିକାଶରେ ପ୍ରାକୃତିକ ବଣପାହାଡ଼ ମଧ୍ୟରେ ରହିଥିବା ଏହି ଡ୍ୟାମଠାରୁ ଅନତି ଦୂରରେ କେନ୍ଦୁଝରକୁ ସଂଯୋଗ କରୁଥିବା ରେଳପଥ ରହିଛି। ରେଳଯାତ୍ରା କଲା ବେଳେ କିଛି ଦୂରରୁ ରେମାଳ ଡ୍ୟାମର ଜଳଭଣ୍ଡାର ହ୍ରଦର ଭ୍ରମ ସୃଷ୍ଟି କରିଥାଏ। ପ୍ରତିବର୍ଷ ଶୀତ ଋତୁରେ କେନ୍ଦୁଝର ସମେତ ପଡୋଶୀ ଯାଜପୁର ଓ ଢେଙ୍କାନାଳ ଜିଲାରୁ ଅନେକ ପର୍ଯ୍ୟଟକ ପିକ୍‌ନିକ କରିବାକୁ ଆସିଥାନ୍ତି। ଗତ ରବିବାର ରେମାଳ ଡ୍ୟାମ୍ ପରିସର ବିଭିନ୍ନ ଅଞ୍ଚଳରୁ ପିକ୍‌ନିକ୍ କରିବାକୁ ଆସିବା ଅଞ୍ଚଳବାସୀଙ୍କୁ ଉତ୍ସାହିତ କରିଛି। ପର୍ଯ୍ୟଟକଙ୍କ ସୁବିଧା ଓ ଅନ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସ୍ଥାନରେ ବିକାଶ କରାଯିବାର ଆବଶ୍ୟକତା ରହିଛି ବୋଲି ଏଠାକୁ ଆସିଥିବା ଲୁଣହାରର ଜୟସୁରିଆ ନାଏକ, ମଚ୍ଛାଳୋର ବାପୁନ କୁମାର ଜେନା ପ୍ରମୁଖ କହିଛନ୍ତି। ଡ୍ୟାମର ପାରିପାର୍ଶ୍ୱିକ ବିକାଶ ସାଙ୍ଗକୁ ଡ୍ୟାମରେ ବୋଟିଂ ବ୍ୟବସ୍ଥା କରାଯିବା ସକାଶେ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଚଳିତବର୍ଷ ପର୍ଯ୍ୟଟକଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇ ଦେବା ଲାଗି ଦୃଷ୍ଟି ରଖାଯାଇଛି ବୋଲି ରେମାଳ ଡ୍ୟାମର ସରକାରୀ ଯନ୍ତ୍ରୀ ଶମ୍ଭୁପ୍ରସାଦ ସାହୁ କହିଛନ୍ତି।

# ଗ୍ରାମୀଣ ଡାକସେବକଙ୍କ ବୈଠକ



ରବିବାର ଜିଲା ମୁଖ୍ୟ ଡାକଘରେ ଡାକସେବକ କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ।

କେନ୍ଦୁଝର, ୨୬।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଗ୍ରାମୀଣ ଡାକ ସେବକ କ୍ରିୟାନୁଷ୍ଠାନ କମିଟିର ବୈଠକ ରବିବାର ଜିଲା ମୁଖ୍ୟ ଡାକଘରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ଗ୍ରାମୀଣ ଡାକସେବକ ଯୋଗଦେଇ ସଂଘ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସଞ୍ଜୟ କୁମାର ପଣ୍ଡାଙ୍କ ଆଲୋଚନାରେ ଅଂଶଗ୍ରହଣ କରି ଗ୍ରାମୀଣ ଡାକସେବକଙ୍କ ବିଭିନ୍ନ ଦାବି ହାସଲ ପାଇଁ ସମସ୍ତେ ଆନ୍ଦୋଳନକୁ ତ୍ରୀବତର କରିବା ପାଇଁ ଆହ୍ୱାନ ଦେଇଥିଲେ। ସରକାର ସେମାନଙ୍କର ନ୍ୟାର୍ଯ୍ୟ ଦାବି ପ୍ରତି ଅଣଦେଖା କରିବା କାରଣରୁ ଗ୍ରାମୀଣ ଡାକସେବକଙ୍କ ମଧ୍ୟରେ ନୈରାଶ୍ୟଭାବ ଦେଖାଦେଇଛି। ଜିଲାରେ ଏକ ହଜାରରୁ ଉର୍ଦ୍ଧ୍ୱ ଗ୍ରାମୀଣ ଡାକସେବକଙ୍କ ଭବିଷ୍ୟତ ଅନ୍ଧକାର ବୋଲି ସଞ୍ଜୟ ପଣ୍ଡା ମତବ୍ୟକ୍ତ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି କବିତା ମହାନ୍ତ, ସତ୍ୟବାନ ନାୟକ, ମହେଶ୍ୱର ମହାନ୍ତ, ଲମ୍ବୋଧର ମହାନ୍ତ, ଅଜୟ ସୁର ପ୍ରମୁଖ କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ।

# ଦେଶ ଗଠନ ଲାଗି ଏନ୍‌ସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦୁଝର, ୨୬।୧୧(ସ୍ୱ.ପ୍ର.)

କେନ୍ଦୁଝରସ୍ଥିତ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୭୦ତମ ଏନ୍‌ସିସି ଦିବସ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେ ନିଜ ଅଭିଭାଷଣରେ ଦେଶ ଗଠନ ପାଇଁ ଏନ୍‌ସିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କାରଣରୁ ଛାତ୍ରଛାତ୍ରୀମାନେ ଏନ୍‌ସିସିରେ ଯୋଗଦେଇ ଦେଶ ରକ୍ଷା କ୍ଷେତ୍ରରେ ଆବଶ୍ୟକସ୍ଥଳେ ସହଯୋଗ କରିବାକୁ ମତପୋଷଣ କରିଥିଲେ। ଏନ୍‌ସିସି ଦିବସ ପାଳନ ଅବସରରେ କ୍ୟାଡେଟମାନଙ୍କ ଦ୍ୱାରା ସମ୍ମିଳିତ ପ୍ୟାରେଡ,ଏନ୍‌ସିସି ସଙ୍ଗୀତ, ଜାତୀୟ ସଙ୍ଗୀତ ପରିବେଷଣ ସହ ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ଡିଏନ୍ ହାଇସ୍କୁଲ ଓ ଏନ୍ଏସ୍ ପୋଲିସ ହାଇସ୍କୁଲର କ୍ୟାଡେଟମାନେ ଯୋଗ ଦେଇଥିଲେ। ଏନ୍‌ସିସି ଅଫିସର ମେଜର ପି.କେ. ଘଣା, ବିଭୂପ୍ରସାଦ ସେନାପତି, ୧୪ ଓଡିଶା ବାଟାଲିୟନର ସୁବେଦାର ମେଜର ଏମ୍.ଏସ୍. ରାଠୋର ଓ ଟ୍ରେନିଂ ଜେସିଓ ସୁବେଦାର ହରିହର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରବିବାର ଧରଣୀଧର ମହାବିଦ୍ୟାଳୟ ପରିସରରେ ୭୦ତମ ଏନ୍‌ସିସି ଦିବସ ପାଳିତ।

# ୩୨ ଅଭିଯୋଗ ଶୁଣାଣି

ଚମ୍ପୁଆ,୨୬।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ସଭା ଗୃହଠାରେ ଜିଲାପାଳ ଆଶିଷ ଠାକରେ ସୋମବାର ଜନ ଶୁଣାଣି କରିଛନ୍ତି। ଏହି ଜନ ଶୁଣାଣିରେ ୩୨ଗୋଟି ଅଭିଯୋଗ ହୋଇଥିବା ଜଣାପଡିଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଜୟନାରାୟଣ ପଙ୍କଜ, ଉପଜିଲାପାଳ ପାରୁଲ ପଟାୱରୀ, ବିଡିଓ ନୁପୁର ଚାନ୍ଦଗୋଟିଆ, ତହସିଲଦାର ଆଲୋକ କୁମାର ପଟେଲ, ଏବିଡିଓ ଶରତ ଚନ୍ଦ୍ର ବାରିକ, ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ଜିଲା ଶିକ୍ଷାଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଜନ ଶୁଣାଣୀରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଆଦି ଭତ୍ତା, ଶିଶୁ ନିର୍ଯାତନା, ଆବାସ ଯୋଜନା ଓ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗମାନ ହୋଇଥିଲା।

# କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କଲେ ଜିଲାପାଳ

ଚମ୍ପୁଆ, ୨୬।୧୧(ଡି.ଏନ.ଏ.)

ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ପୁରସ୍କୃତ କରିଛନ୍ତି। ସୂଚନା ଅନୁସାରେ ଗତ ୧୯ ତାରିଖରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ପରିପ୍ରେକ୍ଷୀରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଭିତ୍ତି ଚିତ୍ର ବ୍ଲକ ପରିସରରେ ଅଙ୍କନ କରାଯାଇଥିଲା। ଜିଲାପାଳ ଆଶିଷ ଠାକରେ ବ୍ଲକ ସଭାଗୃହଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଜୁନିୟର ବିଭାଗରେ ପ୍ରଥମ ଆକାଶଜ୍ୟୋତି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଦିତୀୟ ମହତାବ ଉଚ୍ଚ ବିଦ୍ୟାଳୟ, ତୃତୀୟ ଚନ୍ଦ୍ର ଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ସିନିୟର ବିଭାଗରେ ପ୍ରଥମ ଓଡିଶା ଆଦର୍ଶ ବିଦ୍ୟାଳୟ, ଦ୍ୱିତୀୟ ଚନ୍ଦ୍ରଶେଖର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ତୃତୀୟ ଓଡିଶା ଷ୍ଟେଟ ବ୍ରିଗେଡ ବିଦ୍ୟାଳୟ ସେହିପରି କଲେଜ ସ୍ତରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ପ୍ରଦାନ କରିଥିଲେ।

# ନେହେରୁ ଷ୍ଟାଡିୟମରୁ ସିଧା ପ୍ରସାରଣ ହେବ ବିଶ୍ୱକପ ହକି

ଚମ୍ପୁଆ, ୨୬।୧୧

କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଚମ୍ପୁଆ ଉପଖଣ୍ଡ ପ୍ରଶାସନ ଓ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ମିଳିତ ଆନୁକୂଲ୍ୟରେ ନେହେରୁ ଷ୍ଟାଡିୟମ୍ ପରିସରରୁ ଏହି ଉଦ୍‌ଘାଟନୀ ଉତ୍ସବ ସମାରୋହର ସିଧା ପ୍ରସାରଣ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ, ଛାତ୍ରୀଛାତ୍ର ବୁଦ୍ଧିଜୀବୀ, ସରକାରୀ ଓ ବେସରକାରୀ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ବିଜୁ ଯୁବ ବାହିନୀର କର୍ମକର୍ତ୍ତା, ଖବରଦାତା ଆଇନଜୀବୀ ତଥା ସମାଜର ସମସ୍ତ ବର୍ଗର ଲୋକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ରଙ୍ଗାରଙ୍ଗ ମାହୋଲ ମଧ୍ୟରେ ମଙ୍ଗଳବାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓସ୍କାର ବିଜେତା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରେହେମାନଙ୍କ ସମେତ ବଲିଉଡ୍ ବାଦ୍‌ଶାହ ଶାହରୁଖ ଖାନ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ଉପସ୍ଥିତ ରହିବେ। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଚମ୍ପୁଆ ନେହେରୁ ଷ୍ଟାଡିୟମ୍ ପରିସରରୁ ଏଲ୍‌ଇଡ଼ି ମାଧ୍ୟମରେ ଏହା ପ୍ରଦର୍ଶିତ ହେବ।

# ବହୁଜନ କ୍ରାନ୍ତି ମୋର୍ଚ୍ଚାର ବ୍ଲକ ଘେରାଉ

ତେଲକୋଇ, ୨୬।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ କାର୍ଯ୍ୟାଳୟ ପରିସରରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ୫ଦଫା ଦାବି ନେଇ ବ୍ଲକ ଘେରାଉ କରିଥିଲେ। ଏହାପରେ ସ୍ଥାନୀୟ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ସ୍ମାରକୀ ପତ୍ର ଦେବାପରେ ଘେରାଉରୁ ଓହରିଥିଲେ। ବହୁଜନ କ୍ରାନ୍ତି ମୋର୍ଚ୍ଚାର ଦାବି ମଧ୍ୟରେ ଇଭିଏମ ମେଶିନକୁ ହଟାଇ ବ୍ୟାଲେଟ ପେପରରେ ଭୋଟ କରାଯିବା ଦାବି ପ୍ରମୁଖ ରହିଥିଲା। ଆଦିବାସୀ ମାନଙ୍କୁ ସରକାରଙ୍କ ଶୋଷଣ ନୀତି, ଜଙ୍ଗଲ ଜମି ପଟ୍ଟାରୁ ବଞ୍ଚିତ, ଅନୁଚ୍ଛେଦ ୧୯କୁ ସମର୍ଥନ ଆଦି ମୋର୍ଚ୍ଚାର ଦାବି ରହିଥିଲା। ପରେ ସ୍ମାରକୀପତ୍ର ଦେଇ ବ୍ଲକ ଘେରାଉରୁ ଓହରିଥିଲେ। ବହୁ ଜନ କ୍ରାନ୍ତି ମୋର୍ଚ୍ଚାର ବିଜୟ ମୁଣ୍ଡା ଓ ମୁରଲୀ ପାତ୍ରଙ୍କ ନେତୃତ୍ୱରେ ୨୦ରୁ ଉର୍ଦ୍ଧ୍ୱ କର୍ମୀ ଏଥିରେ ସାମିଲ ଥିଲେ।

# ମା'ଛେଉଣ୍ଡ ୩ କନ୍ୟାଙ୍କୁ ମିଳୁନି ସହାୟତା

କେନ୍ଦୁଝର, ୨୬।୧୧ (ସ୍ୱ.ପ୍ର.)

ସ୍ଥାନୀୟ ବୀରବରପୁର ପାଟଣା ସାହିର ବଡଶାସନ ପୋଖରୀ ହୁଡାରେ ମା ଛେଉଣ୍ଡ ୩ କନ୍ୟା ଶିଶୁ ସହାୟତା ମିଳୁ ନ ଥିବାରୁ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ତେବେ ଏହି ଶିଶୁ ମାନଙ୍କ ମା' ସ୍ୱର୍ଗତ ସବିତା ନାଏକଙ୍କୁ ଆଣି ଝିଅ ଭଳି ଲାଳନପାଳନ କରିଥିବା ପୂର୍ଣ୍ଣିମା ନାଏକ ଏବେ ଏହି ତିନି ଶିଶୁ କନ୍ୟାକୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ପଡିଛନ୍ତି। ଏଣୁ ଏହି ଶିଶୁ ମାନଙ୍କୁ ତୁରନ୍ତ ଥଇଥାନ କରିବା ସହ ସହାୟତା ଦେବାକୁ ଦାବି ହେଉଛି।

ସରକାର କନ୍ୟା ରତ୍ନ କର ଯତ୍ନର ସ୍ଲୋଗାନ ଦେଇ କନ୍ୟା ମାନଙ୍କ ସୁରକ୍ଷା ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଏଠାରେ ୩ଟି ନିଷ୍ପାପ କନ୍ୟା ଶିଶୁ ମା' ଓ ବାପାଙ୍କ ବିନା ବହୁ କଷ୍ଟରେ ଚଳୁଥିଲେ ହେଁ ସହାୟତା ମିଳୁ ନ ଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କେନ୍ଦୁଝର ପୌରପାଳିକା ୬ ନମ୍ବର ୱାର୍ଡର ଉକ୍ତ ପୋଖରୀ ହୁଡାରେ ଦେବ ନାଏକ ନାମକ ଜଣେ ବ୍ୟକ୍ତି ନିଜର ସ୍ତ୍ରୀ ଓ ୩ କନ୍ୟାଙ୍କ ସହିତ ଦୁଃଖେ କଷ୍ଟେ ରହିଆସୁଥିଲେ। ମୂଲ ମଜୁରୀ କରି ପରିବାର ଚଳାଉଥିଲେ। ବଡ ଝିଅ ସ୍ୱାତୀ ୭ମ ଶ୍ରେଣୀରେ ସ୍ଥାନୀୟ ଡି.ଏନ.ହାଇସ୍କୁଲରେ ପଢୁଥିବା ବେଳେ ଆଟପୁର ପ୍ରାଥମିକ ବିଦ୍ୟାଳୟରେ ସୋନାଲିକା ୪ର୍ଥ ଓ ପ୍ରତୀକ୍ଷା ୧ମ ଶ୍ରେଣୀରେ ପଢୁଛନ୍ତି। ଚଳିତ ମାସ ୧୭ ତାରିଖରେ ଘରୋଇ କଳହରୁ ଦେବ ନାଏକ ଏକ ଫାର୍ସାରେ ତାଙ୍କ ସ୍ତ୍ରୀ ସବିତା ନାଏକଙ୍କୁ ହତ୍ୟା କରିବାରୁ ପୋଲିସ ଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେତେବେଳେ ୩ ଶିଶୁକନ୍ୟା ସେମାନଙ୍କ ମାଉସୀ ଘର ଝୁମ୍ପୁରାରେ ରହୁଥିଲେ। ଏଭଳି ଘଟଣା ପରେ ୩ ଶିଶୁ କନ୍ୟା ଅସହାୟ ହୋଇପଡିଲେ। ସବିତାଙ୍କ ମୃତ୍ୟୁ ପରେ ଝିଅ ଭାବେ ପାଳନ କରିଆସିଥିବା ପୂର୍ଣ୍ଣିମା ଏବେ ସବିତାଙ୍କ ଝିଅ ମାନଙ୍କ ଲାଳନ ପାଳନ କରୁଛନ୍ତି। ସେ ଆଗଭଳି ରୋଜଗାର କରିପାରୁ ନ ଥିବାରୁ ଏହି ଶିଶୁ ମାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ପାଠ ପଢିବେ ଏବଂ ବଡ ମଣିଷ ହୋଇ ନିଜକୁ ପ୍ରତିଷ୍ଠିତ କରିବାକୁ ଝିଅ ମାନେ ଆଶା ବାନ୍ଧିଥିବା ବେଳେ ଏନେଇ ସରକାରୀ ସହାୟତା ନ ମିଳିଲେ ସେମାନଙ୍କ ଆଶା ନିରାଶା ହୋଇଯିବ ବୋଲି ମତ ପ୍ରକାଶ ପାଉଛି।

ଘର ନାହିଁ କିମ୍ବା ଜମି ନାହିଁ। ମା'ଙ୍କ ନାମରେ ରହିଛି ରାଶନ କାର୍ଡ। ଛୋଟ ପିଲା ମାନେ କିପରି ଚଳିବେ ସେ ନେଇ ପ୍ରଶାସନ ପଦକ୍ଷେପ ନେବା ଉଚିତ ବୋଲି ପୂର୍ବତନ କାଉନସିଲ ସୁଧିର ନନ୍ଦ କହିଛନ୍ତି। ସେମାନଙ୍କୁ ସହାୟତା କରିବା ସହ ପାଠ ପଢିବା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ କହିଛନ୍ତି ଯେ ଶିଶୁ ମାନଙ୍କୁ ଉଦ୍ଧାର କରି ଥଇଥାନ ବ୍ୟବସ୍ଥା କରାଯିବ।



ଲାଳନପାଳନ କରିଥିବା ପୂର୍ଣ୍ଣିମାଙ୍କ ସହ ମା'ଛେଉଣ୍ଡ ୩ କନ୍ୟା।

# ପଞ୍ଚକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଲାଗି କଳସ ଶୋଭାଯାତ୍ରା

ବଡବିଲ, ୨୬।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ କଳିଙ୍ଗନଗରଠାରେ ଥିବା ବେଦମାତା ଗାୟତ୍ରୀ ଶକ୍ତିପୀଠର ନବମ ବାର୍ଷିକୋତ୍ସବ ଅବସରରେ ପଞ୍ଚ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ନିମନ୍ତେ ରବିବାର ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରବିବାରଠାରୁ ଆରମ୍ଭ ହୋଇଥିବା ଗାୟତ୍ରୀ ଶକ୍ତିପୀଠର ବାର୍ଷିକୋତ୍ସବ ୩ ଦିନ ଧରି ଚାଲିବ। ରବିବାର ପୂର୍ବାହ୍ନ ୯ଟା ବେଳେ ଧର୍ମ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ମାଟକାମବେଡାସ୍ଥିତ ଚମ୍ପକେଶ୍ୱର ମନ୍ଦିର ନିକଟରୁ ଶତାଧିକ ମହିଳା କଳସରେ ଜଳ ସଂଗ୍ରହ କରି ଶକ୍ତିପୀଠରେ ପହଞ୍ଚିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା।

# ସ୍ଥାନ ପାଇଲା ୧୧୪ ପ୍ରକଳ୍ପ

ଚମ୍ପୁଆ, ୨୬।୧୧(ଡି.ଏନ.ଏ.)

ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଷ ବାତାବରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ, ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମହାନ୍ତ, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମିଳା କୁମାରୀ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସୁଶ୍ରୀ ପାଟୱାରୀ ବିଜ୍ଞାନ, ଗଣିତ ଓ ବାତାବରଣର ଆବଶ୍ୟକତା ସମ୍ବନ୍ଧରେ ସୂଚନା ଦେବା ସହିତ ପରିକ୍ଷାରେ ଅଧିକ ନମ୍ବର ଶିକ୍ଷାର ପରିଭାଷା ନୁହଁ ବରଂ ଛାତ୍ରୀଛାତ୍ର ମାନଙ୍କ ସଫଳତାର ମାପକାଠି ହୋଇଥାଏ। ତେଣୁ ବ୍ୟକ୍ତିତ୍ୱର ବିକାଶ ହିଁ ଶିକ୍ଷାର ମାନଦଣ୍ଡ ହେବା ଉଚିତ ବୋଲି ମତ ରଖିଥିଲେ। ଏଥିରେ ବ୍ଲକର ୮୦ରୁ ଅଧିକ ବିଦ୍ୟାଳୟରୁ ୧୧୪ ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଏହି ପ୍ରଦର୍ଶନୀରେ ସଫଳ ୯ ଜଣ ପ୍ରତିଯୋଗୀଙ୍କୁ ଆସନ୍ତା ଡିସେମ୍ବର ୨ ତାରିଖରେ ଜିଲାସ୍ତରୀୟ ପଦର୍ଶନୀକୁ ପଠାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମକୁ ମହତାବ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିଳାମ୍ବର ମହାନ୍ତ ଓ ଜୀବନ କିଶୋର ମହାନ୍ତ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ବଡବିଲ, ୨୬।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ମାଟକାମବେଡାସ୍ଥିତ କଳିଙ୍ଗ ନଗର ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଯୋଡା ବ୍ଲକ ଅଧୀନରେ ଥିବା ମୋଟ ୭୦ଟି ସ୍କୁଲରୁ ୭୦ଟି ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ଜଣାପଡିଛି। ଏହି ପ୍ରଦର୍ଶନୀ ଉଦ୍‌ଘାଟନ ପରେ ଆୟୋଜିତ ଏକ ସଭାରେ ଅତିଥି ଭାବେ ବଡବିଲ ଏସଡିପିଓ ରାହୁ ଜୈନ ଯୋଗ ଦେଇଥିଲାବେଳେ ଯୋଡା ଶିକ୍ଷାଧିକାରୀ ନରେଶ କୁମାର କର ଅଧ୍ୟକ୍ଷତା କରିଥିଲେ। ପ୍ରତି ପ୍ରକଳ୍ପ ନିମନ୍ତେ ୨ ଜଣ ଛାତ୍ରୀଛାତ୍ର ହିସାବରେ ୧୪୦ ଜଣ ଏହି ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିଲେ।

■ ବୈଜ୍ଞାନିକ ଚିନ୍ତାଧାରାରେ ଛାତ୍ରୀଛାତ୍ର

# ୮୦ ରୁ ଉର୍ଦ୍ଧ୍ୱ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶନ

ଆନନ୍ଦପୁର, ୨୬।୧୧(ସ୍ୱ.ପ୍ର.)

ଅତ୍ୟାଧୁନିକ ସମାଜରେ ଛାତ୍ରୀଛାତ୍ରମାନେ ବିଜ୍ଞାନ ଚିନ୍ତାଧାରରେ ଜୀବନ ଶୈଳୀକୁ ଗଢିତୋଳିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଜିଲା, ବ୍ଲକ ଓ ସ୍କୁଲ ସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରି ପ୍ରାଥମିକ ସ୍ତରରେ ଉଦ୍ୟମ ଆରମ୍ଭ କରୁଛନ୍ତି।

ଦୈନନ୍ଦିନ ଜୀବନ ଶୈଳୀରେ ଅବ୍ୟବହାର୍ଯ୍ୟ ପଦାର୍ଥର ବ୍ୟବହାର ଓ ଶକ୍ତି ସଞ୍ଚୟ ଠାରୁ ଆରମ୍ଭ କରି ପ୍ରତ୍ୟକ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନ ସୃଷ୍ଟି କରାଯାଉଛି। ଏହିକ୍ରମରେ ଆନନ୍ଦପୁର ବ୍ରଜବନ୍ଧୁ ବିଦ୍ୟାପୀଠ ପରିସରରେ ବ୍ଲକ ଓ ପୌରପରିଷଦ ସ୍ତରୀୟ ବିଜ୍ଞାନ ମେଳା ୮୦ରୁ ଉର୍ଦ୍ଧ୍ୱ ବୈଜ୍ଞାନିକ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ କମ୍ୟୁନିକେସନ୍ ଥ୍ରୋ ଲାଇଟ୍ ସ୍ପେକ୍ଟ୍ରମ୍, ବୈଦ୍ୟୁତିକବସ୍ତୁର ବ୍ୟବହାର, ଜଳସ୍ତର ସୂଚନା ପଦ୍ଧତି, ପାଣିରେ କାଗଜ ବୁଡାଇଲେ ଓଦା ହୁଏନି କାହିଁକି, ୟୁ ଟର୍ଣ୍ଣ ରାସ୍ତାରେ ପରିବହନ ସୁପରିଚାଳନା, ସଚେତନ ନାଗରିକର କର୍ତ୍ତବ୍ୟ, ଅବ୍ୟବହାର ପଦାର୍ଥର ବ୍ୟବହାର, ସହଜ ଉପାୟରେ ଚାଷ, ଜଳସଂରକ୍ଷଣ, ସୌର ରନ୍ଧକ ଆଦି ପ୍ରକଳ୍ପ ଏଥିରେ ସ୍ଥାନ ପାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଓଷ୍ଟା କେନ୍ଦୁଝର ଜିଲା ସଭାପତି ଶାନ୍ତନୁ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ଆନନ୍ଦପୁର ବିଧାୟକ ମାୟାଧର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପ୍ରାଧାପକ ଡଃ ଦିଲ୍ଲୀପ କୁମାର ଦାଶ, ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଅତିରିକ୍ତ ଶିକ୍ଷାଧିକାରୀ ଦୟାନିଧି ବ୍ରହ୍ମ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ଉପଦେଶ ଦେବା ସହିତ ଉତ୍ସାହିତ କରିଥିଲେ। ଏହି ବିଜ୍ଞାନ ମେଳାରେ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ମଧୁସୂଦନ ପାତ୍ର ପ୍ରଥମ, କୁଣ୍ଡୁଳାଇ ହାଇସ୍କୁଲ ବେଲବାହାଲିର ଛାତ୍ର ଅଭିଜୀତ୍ ପଣ୍ଡା ଦ୍ୱିତୀୟ, ପାତାଳଗୁଣି ଉଚ୍ଚ ବିଦ୍ୟାଳୟ ଜଙ୍ଘାରର ଛାତ୍ର ସୌମ୍ୟ ସ୍ୱନ୍ଦନ ରାଉତ ତୃତୀୟ, ବି.ଏନ.ୟୁ.ପି ସ୍କୁଲର ଛାତ୍ର ପ୍ରିୟ ମାଧବ ଅଧିକାରୀ ଚତୁର୍ଥ, ଆନନ୍ଦପୁର ୟୁ.ଜି.ୟୁ.ପି. ସ୍କୁଲର ଛାତ୍ର ଦିବ୍ୟରଞ୍ଜନ ନାୟକ ପଞ୍ଚମ, ସଡଙ୍ଗୀ ୟୁଜିୟୁପି ସ୍କୁଲ ଛାତ୍ରୀ ରୀତୁ ଦଣ୍ଡପାଟ୍ ଷଷ୍ଠ, ବ୍ରଜବନ୍ଧୁ ବିଦ୍ୟାପୀଠ ଆନନ୍ଦପୁରର ଛାତ୍ର ପୂର୍ଣ୍ଣ ଚନ୍ଦ୍ର ସାହୁ ସପ୍ତମ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗିମାନେ ଜିଲା ସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛନ୍ତି। ବିଜ୍ଞାନମେଳାରେ ବିଚାରକ ଭାବେ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ, ବିଜ୍ଞାନ ଶିକ୍ଷକ ମହେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। ପରେ ବିଜ୍ଞାନ ମେଳାର ଉଦ୍‌ଯାପନୀ ସମାରୋହରେ ଘସିପୁରା ବ୍ଲକ ବିଡିଓ ଡଃ ମଧୁସ୍ମିତା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବିଜ୍ଞାନ ଦିଗରେ ଛାତ୍ରୀଛାତ୍ରମାନଙ୍କ ଆଗ୍ରହକୁ ପ୍ରଶଂସା କରିବା ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁସ୍କୃତ କରିଥିଲେ।



ବିଦ୍ୟାଳୟରେ ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପ।

